Bhubaneswar- 15 June 2026
ଭୁବନେଶ୍ୱର- ୧୫ ଜୁନ୍ ୨୦୨୬
Vol- 1 Issue - 49
ଭାଗ- ୧ ସଂଖ୍ୟା- ୪୯
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
# THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୨୦୧୦୦୭

**ପହିଲି ରଜରେ ଅଘଟଣ**

## ଦୁର୍ଘଟଣାରେ ଚାଲିଗଲା ୮ ଜୀବନ




**କେନ୍ଦୁଝର/ବାଙ୍କୀ/ବ୍ରହ୍ମପୁର:** ପହିଲି ରଜ ପାଇ ସାରା ଓଡ଼ିଶା ଖୁସୀ ମନାଉଥିବା ବେଳେ ବିଭିନ୍ନ ସ୍ଥାନରେ ଦୁର୍ଘଟଣାଘଟି ୮ ଜଣଙ୍କର ମୃତ୍ୟୁ ଘଟିଛି । କେନ୍ଦୁଝରଜିଲ୍ଲା କାଞ୍ଜିପାଣି ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ଦୁଇଟି ପୃଥକ ଦୁର୍ଘଟଣା ଘଟିଛି। ଏଥିରେ ୫ଜଣ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା କୁଆଁର ଛକ ନିକଟରେ ଦୁର୍ଘଟଣା ଘଟିଛି। ବାଇକ୍‌କୁ ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଛି। ଏଥିରେ ୩ଜଣ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ସେହିପରି କୁଆଁର ଢାବା ଛକ ନିକଟରେ ଅଜଣା ଗାଡ଼ି ଧକ୍କା ଦେବାରୁ ୨ଜଣଙ୍କର ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର କୁଆଁର ମଙ୍ଗଳା ମନ୍ଦିର ଛକ ନିକଟରେ ବାଂଶପାଳ ବ୍ଲକ୍ ସାହରପୁର ପଞ୍ଚାୟତର କାଦକସଡ଼ା ଗ୍ରାମର ୩ ଜଣ ଯୁବକ ବାଇକ୍‌ରେ କୌଣସି କାମରେ ଯାଉଥିଲେ। ଏହି ସମୟରେ ଭୁଲ ରାସ୍ତାରେ ଆସୁଥିବା ଦ୍ରୁତଗାମୀ ଟ୍ରକ୍ ଧକ୍କା ଦେଇଥିଲା। ଏଥିରେ ସେମାନଙ୍କର ମୃତ୍ୟୁ ଘଟିଛି। ରିପୋର୍ଟ ଲେଖାଯିବା ବେଳକୁ ସେମାନଙ୍କ ପରିଚୟ ମିଳିପାରିନାହିଁ। ସେହିପରି ଉପରୋକ୍ତ ଦୁର୍ଘଟଣା ଠାରୁ ଅଳ୍ପ ଦୂରରେ ବୈତରଣୀ ପୋଲ ନିକଟରେ ଅଜଣା ଗାଡ଼ି ଧକ୍କାରେ କାଞ୍ଜିପାଣି ଥାନା ଅନ୍ତର୍ଗତ କୁଆଁର ଗ୍ରାମର ଅକ୍ଷୟ ସନଙ୍ଗୀ (୪୦) ଓ ଲକ୍ଷ୍ମଣ ସନଙ୍ଗୀ(୩୨ଙ୍କ ମୃତ୍ୟୁ ଘଟିଛି। ଏମାନେ ବାଇକ୍‌ରେ ଏକ ଭୁଲ ରାସ୍ତାରେ ଯାଉଥିଲେ। ଉଭୟ ଘଟଣା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ମୃତଦେହଗୁଡ଼ିକ ପୋଷ୍ଟମର୍ଟମ ପାଇଁ ପଠାଇ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଏବଂ ୨ଟି ବାଇକ୍ ଜବତ କରିଛି। ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସେହିପରି କଟକ ଜିଲ୍ଲା ବଡମ୍ବା ବ୍ଲକ୍ ବୈଦେଶ୍ୱର ଥାନା ଟି ସେତୁ ଠାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ବାଇକ ଓ ଅଟୋ ମଧରେ ମୁହାଁ ମୁହିଁ ଧକ୍କା ହେବା ଫଳରେ ଯୁବକଙ୍କର ମୁଣ୍ଡ କଟି ଗଣ୍ଡି ଅଲଗା ହୋଇ ଯାଇଛି। ଯାହାଫଳରେ ଘଟଣାସ୍ଥଳରେ ଯୁବକ ଜଣଙ୍କର ମୃତ୍ୟୁ ଘଟିଛି। ସୂଚନାଥାଉକି, ବଡମ୍ବା ବୃନ୍ଦାବନପୁର ଅଞ୍ଚଳର ଶୁସିଲ କୁମାର ଗୋଛି (୨୨) ରଜ ଭାର ଦେଇ ନିଜ ଭଉଣୀ ଘରୁ ବାଇକ ଯୋଗେ ଫେରୁଥିଲେ। ବଡମ୍ବା ଟି-ସେତୁ ଉପରେ ଏକ ଅଟୋକୁ ମୁହାଁ ମୁହିଁ ଧକ୍କା ଦେଇଥିଲେ। ଯାହାଫଳରେ ଘଟଣାସ୍ଥଳରେ ଶୁସିଲ ର ମୁଣ୍ଡ ରୁ ଗଣ୍ଠୀ ଅଲଗା ହୋଇ ମୃତ୍ୟୁ ଘଟିଥିଲା । ଏବଂ ଅଟୋ ରେ ଥିବା ୬ ଜଣ ମହିଳାଙ୍କ ସମେତ ଅଟୋ ଡ୍ରାଇଭର ଆହତ ହୋଇଥିଲେ। ଘଟଣାସ୍ଥଳରେ ବୈଦେଶ୍ୱର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଆହତଙ୍କୁ ମେଡ଼ିକାଲ ପଠାଇ ଘଟଣାର ତଦନ୍ତ କରୁଛି। ଅପରପକ୍ଷରେ ମୃତ ଯୁବକର ପରିବାର ଲୋକେ କ୍ଷତି ପୂରଣ ଦାବିରେ ବୈଦେଶ୍ୱର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଅନ୍ୟପଟରେ ଗଞ୍ଜାମ ସହର ନିକଟ ୧୬ ନମ୍ବର ଜାତୀୟ ରାଜପଥରେ ରବିବାର ମର୍ମନ୍ତୁଦ ଦୁର୍ଘଟଣା ହୋଇଛି । ଅପରାହ୍ନରେ ଏକ ବାଇକ ଡିଭାଇଡର ପିଟି ହୋଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡୁଛି । ଘଟଣାସ୍ଥଳରେ ଗଞ୍ଜାମ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଛତ୍ରପୁର ମେଡିକାଲକୁ ପଠେଇଥିଲେ । ସେଠାରେ ମୋନାଲିସା ପାତ୍ରୀ (୨୦) ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ । ସେ ଦିଗପହଣ୍ଡି ଅଞ୍ଚଳର ବୋଲି ଜଣାପଡୁଛି । ଆହତ ଜଣକ ମନୋରଞ୍ଜନ ଜେନା ୨୩ ଭଞ୍ଜନଗର ଅଞ୍ଚଳର ବୋଲି ସୂଚନା ମିଳିଛି । ପୋଲିସ ଘଟଣା ତଦନ୍ତ ଚଳାଇଛି । ଯୁବତୀ ଓ ଯୁବକ ଦୁହେଁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ହୋଇଛି ।

**ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍**

## ପାକିସ୍ତାନ ବିପକ୍ଷରେ ଭାରତ ବିଜୟୀ

- ଦୀପ୍ତି ଶର୍ମା ନେଲେ ୫ ୱିକେଟ୍



**ବର୍ମିଂହାମ:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ପରିଚାଳିତ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ଆଜି ପାକିସ୍ତାନକୁ ୬୪ ରନ୍‌ରେ ପରାସ୍ତ କରିଛି। ବର୍ମିଂହାମର ଏଜବେଷ୍ଟନ ପଡ଼ିଆରେ ଭାରତୀୟ ଟିମ୍ ପ୍ରଥମେ ବ୍ୟାଟିଂ ଏବଂ ପରେ ବୋଲିଂରେ ଦମଦାର ପ୍ରଦର୍ଶନ କରିଛି। ପାକିସ୍ତାନ ୧୭୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୭ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୬ ରନ୍ କରିଥିଲା। ପାକିସ୍ତାନ ପାଇଁ ପ୍ରାରମ୍ଭିକ ବ୍ୟାଟର ମୁନୀବା ଅଲି ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୩୫ଟି ବଲ୍ ଖେଳି ୫ଟି ଚୌକା ବଳରେ ୪୧ ରନ୍ କରିଥିଲେ। ତେବେ ଦଳର ଭଲ ସ୍କୋର ପାଇଁ ଅନ୍ୟ ବ୍ୟାଟରଙ୍କ ଯୋଗଦାନ ଉତ୍ସାହଜନକ ନଥିଲା। ଅଲିଆ ରିଆଜ ୧୮ରନ୍, ଗୁଲ ଫିରୋଜା ଏବଂ ଆୟେସା ଜାଫର ୧୨-୧୨ ରନ୍, ନତାଲିଆ ପରଭାଇଜ ୭ ରନ୍, ରମୀନ ସଲିମ ଏବଂ ନସାରା ସାନ୍ଧୁ ୪-୪ ରନ୍ କରିଥିଲେ। ଅଧିନାୟକ ଫତିମା ସାନା ଏବଂ ତସମିଆ ରୁବାବ ଖାତା ଖୋଲିପାରି ନଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ସେ ୪ ଓଭର ବୋଲିଂ କରି ମାତ୍ର ୧୦ ରନ୍ ଖର୍ଚ୍ଚ କରିଥିଲେ। ସେହିପରି ଶ୍ରୀ ଚରଣୀ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ସେଫାଳି ବର୍ମାଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା। ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୭୦ ରନ୍ କରିଥିଲା। ଭାରତ ପାଇଁ ସ୍ମୃତି ମନ୍ଧାନା ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୪ଟି ବଲ୍ ଖେଳି ୯ଟି ଚୌକା ଏବଂ ୨ଟି ଛକା ବଳରେ ୬୮ ରନ୍ ସଂଗ୍ରହ କରିଥିଲେ। ସେହିପରି ହରମନପ୍ରୀତ କୌର ୩୫ଟି ବଲ୍ ଖେଳି ୪ଟି ଚୌକା ସହାୟତାରେ ୩୬ ରନ୍ ସଂଗ୍ରହ କରିଥିଲେ। ପ୍ରାରମ୍ଭିକ ବ୍ୟାଟର ସେଫାଳି ବର୍ମା ୬ ରନ୍ ଏବଂ ଭାରତୀ ଫୁଲମାଳି ଏକ ରନ୍ କରିଥିଲେ। ରିଚା ଘୋଷ ୧୭ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ୩୪ ରନ୍ କରିଥିଲେ। ଦୀପ୍ତି ଶର୍ମା ୧୨ ରନ୍ କରିଥିଲେ। ଏଥିରେ ସେ ଗୋଟିଏ ଚୌକା ସାମିଲ କରିଥିଲେ। ପାକିସ୍ତାନ ପକ୍ଷରୁ ସାଦିଆ ଇକବାଲ ଏବଂ ଅଧିନାୟକ ଫତିମା ସାନା ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିତିଲେ। ସେହିପରି ତସିମା ରୁବାବ ଏବଂ ରମୀନ ଶମିମ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

**ନଦୀରେ ଗୋଧୋଇବାକୁ ଯିବା ହେଲା କାଳ**

## ପାଣିରେ ବୁଡ଼ି ଚାଲିଗଲା ୨ଜୀବନ

**ଝାରସୁଗୁଡ଼ା :** ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଇବ ନଦୀକୁ ରବିବାର ଅପରାହ୍ନରେ ଗାଧୋଇ ଯାଇଥିବା ସମୟରେ ପାଣିରେ ବୁଡ଼ି ଦୁଇ ଜଣ ଯୁବକଙ୍କର ଅକାଳ ମୃତ୍ୟୁ ହୋଇଛି । ମୃତକ ଦୁଇଜଣ ହେଲେ ଚୌକିପଡ଼ାର ପଙ୍କଜ କୁମାର ସାହୁ (୨୦) ଏବଂ ଗିରିଜା ଶଙ୍କର ସାହୁ (୧୬) । ସଦର ଥାନା ଆଇଆଇସି ଶୋଭାକର ସେଠଙ୍କ ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଉଭୟ ପଙ୍କଜ ଏବଂ ଗିରିଜା ଇବ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା ସମୟରେ ଅସାବଧାନତା ବଶତଃ ସେମାନେ ଗଭୀର ପାଣି ସ୍ରୋତକୁ ଚାଲିଯାଇଥିଲେ ଏବଂ ନଦୀ ଗର୍ଭରେ ବୁଡ଼ି ଯାଇଥିଲେ। ଯୁବକ ଦ୍ୱୟ ବୁଡ଼ି ଯାଉଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ସେମାନଙ୍କୁ ପାଣିରୁ ବାହାର କରିବା ସହ ଆମ୍ବୁଲାନ୍ସ ଯୋଗେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ସେଠାରେ ଉପସ୍ଥିତ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ ।ଖବରପାଇ ସଦର ଥାନା ପୋଲିସ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରିବା ସହ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଶବ ବ୍ୟବଚ୍ଛେଦ ପରେ ପୋଲିସ ପକ୍ଷରୁ ଦୁଇ ମୃତ ଯୁବକଙ୍କ ଶବକୁ ସେମାନଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ବାପା-ମା'ଙ୍କର ଗଳା କାଟିଦେଲା ପୁଅ, ଅଭିଯୁକ୍ତ ଗିରଫ



**ଜଗତସିଂହପୁର:** ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଅଳାଭର ପଞ୍ଚାୟତ ତେରତାଙ୍ଗ ଗ୍ରାମରେ ସମ୍ପତ୍ତି ବିବାଦକୁ ନେଇ ପୁଅ ନିଜର ପିତା ଓ ସାବତ ମା'ଙ୍କୁ ହତ୍ୟା କରିଥିବା ଖବର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ଗ୍ରାମର ଦିଲ୍ଲୀପ ପରିଡା ଆଜି ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ ସମୟରେ ଏକ ଧାରୁଆ କଟୁରୀରେ ବେକକୁ ହାଣି ନିଜ ପିତା ସତ୍ୟାନନ୍ଦ ପରିଡ଼ା (୬୫) ଓ ସାବତ ମା' ଚାରୁଲତା ପରିଡ଼ା (୫୦)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛି। ଅଭିଯୁକ୍ତକୁ ପୁଲିସ ଅଟକ ରଖିଛି। ହତ୍ୟା କରିବା ପରେ ହତ୍ୟାକାରୀ ପୁଅ ଦିଲ୍ଲୀପ ଉକ୍ତ ଧାରୁଆ ଅସ୍ତ୍ର ସହ ନିଜ ଘର ପାହାଚରେ ବସି ରହିଥିଲା, ଯାହାକୁ ଗ୍ରାମବାସୀ ଦେଖି ପ୍ରଥମେ ପୁଲିସକୁ ଅବଗତ କରାଇଥିଲେ। ଖବର ପାଇ ୧୧୨ ଟିମ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିବା ସହ ଥାନାକୁ ନେଇଥିଲା। ପରେ ପୁଲିସ ପକ୍ଷରୁ ଘଟଣାସ୍ଥଳରେ ଫୋର୍ସ ମୁତୟନ କରାଯାଇଥିବା ବେଳେ ଥାନା ଅଧିକାରୀ କାବୁଲି ବାରିକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ।ସୂଚନା ପାଇ ଏସପି ଅଙ୍କିତ ବର୍ମା ମଧ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ପକ୍ଷରୁ ସାଇଣ୍ଟିଫିକ ଟିମ ଦ୍ୱାରା ଘଟଣାର ତନ ତନ ଯାଞ୍ଚ କରାଯାଉଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀଙ୍କ ମତ ନିଆଯାଇଛି। ତେବେ ଦ୍ୱିତୀୟ ପତ୍ନୀଙ୍କ କୌଣସି ସନ୍ତାନ ନଥିବାରୁ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନାହିଁ, ଯାହାକୁ ନେଇ ଏସପି ଚିନ୍ତିତ ଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀଙ୍କୁ ଏନେଇ ଲିଖିତ ଅଭିଯୋଗ କରିବା ପାଇଁ ସହଯୋଗ ମାଗିଥିଲେ ମଧ୍ୟ କେହି ଏଥିରେ ରାଜି ହେଉ ନଥିବା ସୂଚନା ମିଳିଛି। ଏଣୁ ଶବକୁ ମେଡିକାଲ ନେବା ପକ୍ରିୟା ବିଳମ୍ବ ହେଉଛି।

### ମା'ଙ୍କୁ ହତ୍ୟା କଲା ପୁଅ

ଭଦ୍ରକ ଜିଲ୍ଲା ବନ୍ତ ଥାନା ଜିରିଣା ଗୁଡ଼ିଆସାହିରେ ଆଜି ଜଣେ ଯୁବକ ତାଙ୍କ ମା'ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ନାଁ ମମତା ସାହୁ। ତାଙ୍କ ପୁଅ ତଥା ଅଭିଯୁକ୍ତଙ୍କ ନାଁ ପ୍ରୀତମ ସାହୁ (୨୫) ।ପାରିକାରିବ କଳହରୁ ପ୍ରୀତମ ତାଙ୍କ ମା'ଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ତାଙ୍କ ମା'ଙ୍କ ମୁଣ୍ଡକୁ ହାଣି ଦେଇଥିବା ଜଣାପଡ଼ିଛି। ଘର ସାରା ରକ୍ତ ପଡ଼ିଛି। ତେବେ କେଉଁ ପ୍ରକାରର ପାରିବାରିକ କଳହରୁ ଏହି ଘଟଣା ଘଟିଛି, ତାହା ଜଣାପଡ଼ିନି। ସେହିପରି ପାରିବାରିକ କଳହ ନା ଆଉ କିଛି କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି, ତାହା ପୁଲିସର ତଦନ୍ତ ପରେ ଜଣାପଡ଼ିବ। ପୁଲିସ ପ୍ରୀତମଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି ପୁଲିସ। ବନ୍ତ ଥାନା ପୁଲିସ ଘଟଣାର ତଦନ୍ତ କରୁଛି। ଏହି ଘଟଣା ଘଟିବା ପରେ ଗାଁରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପୁଲିସ ପହଞ୍ଚି ସ୍ଥିତିକୁ ସାମାନ୍ୟ କରି ଦେଇଥିଲା। ଆଜି ପହିଲି ରଜରେ ଗାଁରେ ଏପରି ଏକ ଘଟଣା ଘଟିଥିବାରୁ ସମସ୍ତ ଗ୍ରାମବାସୀ ସ୍ତବ୍ଧ ହୋଇଯାଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ଗଣିଆ ଥାନା ପାଣ୍ଡରାସିଂହା ଛକରେ ଅଘଟଣ**

## ଗ୍ୟାରେଜ୍‌ରେ ମାଲିକଙ୍କୁ ଗୁଳିକରି ହତ୍ୟା

**ନୟାଗଡ :** ନୟାଗଡ଼ ଜିଲା ଗଣିଆ ଥାନା ଅଧୀନ ପାଣ୍ଡରାସିଂହା ଛକରେ ରବିବାର ସନ୍ଧ୍ୟାରେ ଏକ ଗୁଳିକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଗ୍ୟାରେଜ୍‌ରେ ପଶି ଅତର୍କିତ ଫାୟାରିଂ କରିଥିଲେ। ଫଳରେ ଗୁଳିମାଡ଼ରେ ଜଣେ ଯୁବକଙ୍କ ମୃତ ଘଟିଛି। ମୃତକ ହେଲେ କିଶୋରପ୍ରସାଦ ପଞ୍ଚାୟତ ପତୁରିଆ ଗ୍ରାମର ରବୀନ୍ଦ୍ର ନାୟକ(୨୫)। ରବୀନ୍ଦ୍ର ପାଣ୍ଡରାସିଂହା ଛକରେ ବାଇକ୍ ଗ୍ୟାରେଜ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ସନ୍ଧ୍ୟାରେ ରବୀନ୍ଦ୍ର ଗ୍ୟାରେଜରେ ବସିଥିଲେ। ସେତିକିବେଳେ ଏକ କାରରେ ୨ଜଣ ଦୁର୍ବୃତ୍ତ ଆସି ଅଚାନକ ଗ୍ୟାରେଜ ଭିତରେ ପଶି ରବୀନ୍ଦ୍ରଙ୍କୁ ସାମ୍ନାରୁ ଗୁଳି କରି ଫେରାର ହୋଇଯାଇଥିଲେ। ରବୀନ୍ଦ୍ରଙ୍କ ଡାହାଣ ପାଖ ଛାତିରେ ଗୁଳି ବାଜି ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ରବୀନ୍ଦ୍ରଙ୍କୁ ଉଦ୍ଧାର କରି ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଘଟଣାସ୍ଥଳରେ ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଦଶପଲ୍ଲା ଥାନା ଅଧିକାରୀ ବିନୟ ପରି, ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ, ଏଏସ୍ଆଇ ସାହା ଆଲାମ ଖାଁ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଗୁଳିକାଣ୍ଡର କାରଣ ଜଣାପଡି ନାହିଁ।

## ବଜ୍ରାଘାତରେ ଜଳିଗଲେ ଦୁଇ ଜଣ

**ଆଠଗଡ:** ତିଗିରିଆ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗାଁ ଗହିରରେ ଅଘଟଣ । ବଜ୍ରାଘାତରେ ଜଳିଗଲେ ଦୁଇ ଜଣ । କାଳ ବୈଶାଖୀ ଘଡଘଡି ବର୍ଷା ଯୋଗୁ କୁଡିଆ ଭିତରେ ଆଶ୍ରୟ ନେଇଥିବା ବେଳେ ଦୁଇ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିବା ଜଣାଯାଇଛି । ବିଲକୁ କାମ କରିବା ପାଇଁ ଯାଇଥିବା ବେଳେ ବର୍ଷା ଘଡଘଡି ହେବାରୁ କୁଡିଆ ଭିତରେ ଆଶ୍ରୟ ନେଇଥିଲେ ଦୁଇଜଣ । ଦୁଇ ଜଣ ହେଲେ ସେହି ଗାଁ ର ମନ୍ଦର ଧର ପତି (୩୦) ଓ ନବଘନ ରାଉତ (୫୦) । ଘଟଣା ସ୍ଥଳରେ ତିଗିରିଆ ପୋଲିସ ଓ ଅଗ୍ନିଶମ ବିଭାଗ ପହଂଚି ତଦନ୍ତ କରୁଛି ।

## ଏନ୍‌ଇଇଟି-ୟୁଜି ସାନି ପରୀକ୍ଷା ଆଡମିଟ୍ କାର୍ଡ ଜାରି

**ନୂଆଦିଲ୍ଲୀ:** ନିଟ୍ ସାନି ପରୀକ୍ଷା ଦେବାକୁ ଯାଉଥିବା ଲକ୍ଷାଧିକ ପରୀକ୍ଷାର୍ଥୀଙ୍କ ପାଇଁ ଭଲ ଖବର ଆସିଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ନିଟ୍ ସାନି ପରୀକ୍ଷାର ପ୍ରସ୍ତୁତି ପାଖାପାଖି ପୁରା କରିଦେଇଛି। ଏହାରି ମଧ୍ୟରେ ନିଟ୍‌ର ଆଡ୍‌ମିଟ୍ କାର୍ଡ ଜାରି ହୋଇଯାଇଛି। ଯେଉଁ ଛାତ୍ରଛାତ୍ରୀମାନେ ଆସନ୍ତା ୨୧ ତାରିକ ଦିନ ନିଟ୍ ପରୀକ୍ଷା-୨୦୨୬ରେ ଦ୍ୱିତୀୟ ଥର ବସିବାକୁ ଯାଉଛନ୍ତି, ସେମାନେ ନିଜର ଆବେଦନ ନମ୍ବର ଏବଂ ଜନ୍ମତାରିଖ ସହାୟତାରେ ଆଡ୍‌ମିଟ୍ କାର୍ଡ ଦେଖିବା ସହିତ ଡାଉନ୍‌ଲୋଡ କରିପାରିବେ। ସରକାରୀ ତଥ୍ୟ ଅନୁସାରେ ନିଟ ୟୁଜି ୨୦୨୬ ପାଇଁ ପାଖାପାଖି ୨୨.୭୫ ଲକ୍ଷ ପ୍ରାର୍ଥୀ ପୁଣି ଥରେ ପଂଜୀକରଣ କରିଛନ୍ତି। କିନ୍ତୁ ଗତମାସ ୩ ତାରିଖରେ ଆୟୋଜିତ ଏହି ପରୀକ୍ଷାରେ ୨୨.୦୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପେପର ଲିକ୍ ଏବଂ ପରୀକ୍ଷାରେ ଅନିୟମିତତା ପରେ ପରୀକ୍ଷା ରଦ୍ଦ କରାଯାଇଥିଲା। ଏହି ପରୀକ୍ଷା ଏବେ ଆସନ୍ତା ୨୧ ତାରିଖରେ ପୁଣି ଥରେ ଆୟୋଜିତ ହେବ। ଆଶା କରାଯାଉଛି ଯେ, ପୁନଃ ପରୀକ୍ଷା ୨୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଦେବେ। ଏଥର ଭଲ ସୁରକ୍ଷା ବ୍ୟବସ୍ଥା ଏବଂ ନିଷ୍ପକ୍ଷ ପରୀକ୍ଷା ପାଇଁ ସରକାର ଏବଂ ପ୍ରଶାସନ ପ୍ରସ୍ତୁତି ଜାରି ରଖିଛନ୍ତି। ଏନ୍‌ଟିଏ ଦ୍ୱାରା ନିଟ୍ ସାନି ପରୀକ୍ଷାର ଆଡମିଟ୍ କାର୍ଡ କରିବାକୁ ଡାଇରେକ୍ଟ ଲିଙ୍କ ସରକାରୀ ୱେବ୍‌ସାଇଟ୍ ଭରରଷ୍ପ.ଭଷ୍ୱବ.ଭସମ.ସଭ ଲିଙ୍କରେ ଉପଲବ୍ଧ ହେବ। ଆସନ୍ତା ୨୧ ତାରିଖରେ ହେବାକୁ ଥିବା ଦ୍ୱିତୀୟ ପରୀକ୍ଷାରେ ସାମିଲ ହେବାକୁ ଥିବା ପ୍ରାର୍ଥୀମାନେ ଲିଙ୍କ ସକ୍ରିୟ ହେଲା ପରେ ସରକାରୀ ୱେବ୍‌ସାଇଟ୍‌ରେ ନିଜର ପ୍ରବେଶ ପତ୍ର ଡାଉନ୍‌ଲୋଡ କରିପାରିବେ।



**୫୫ ତମ ଦିବସରେ ରଥ ଖଳା ହାଲ୍‌ଚାଲ୍**

## କନକ ମୁଣ୍ଡି, ଅଁଳା ପିଣ୍ଡି, କଳସ ପିଣ୍ଡି ନିର୍ମାଣ

- ପାଇଁ ୪ ଟି ଲେଖାଏଁ ଶିମିଳି କାଠ ଚଉପଟ କାର୍ଯ୍ୟ ଜାରି
- ଦ୍ରୁତ ଗତିରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ



**ପୁରୀ :** ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା । ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘରଘର ନାଦ କରି ରଥ ଗଡିବ । ଏଥିପାଇଁ ବଡଦାଣ୍ଡ ସ୍ଥିତ ରାଜାନଅର ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି । ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି । ରବିବାର ରଥ ନିର୍ମାଣର ୫୫ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ବୈଦିକ ଯୁଗରୁ ଠାକୁର ରଥ ବିଜେ କରିବା ପରମ୍ପରା ରହିଛି । ଶିଳ୍ପ ଶାସ୍ତ୍ର ଅନୁଯାଇ ରଥ ନିର୍ମାଣ ହୋଇଥାଏ । ରଥର ନିର୍ମାଣର ଇଷ୍ଟ ଦେବୀ ହେଉଛନ୍ତି ଦେବୀ ଚର୍ଚ୍ଚିକା । ମା ସମ୍ମୁଖ ଭାଗ ହେଉଛି ରଥଖଳା । ନନ୍ଦିଘୋଷ ରଥର ଉଚ୍ଚତା ୩୩ ହାତ ପାଞ୍ଚ ଆଙ୍ଗୁଳି, ନନ୍ଦିଘୋଷ ରଥର ୧୬ ଟି ଚକ ଓ ୮ ଟି ଅଖ ଲାଗିଥାଏ । ପ୍ରତି ଚକର ବ୍ୟାସ ୭ ଫୁଟ । ପ୍ରତି ଚକରେ ୧୬ ଟି ଅର ସଂଯୋଗ ହୋଇଥାଏ । ରଥ ନିର୍ମାଣରେ ୩୪ ଟି ବିଭାଗ ରହିଛି । ଚକ, ଦଣ୍ଡିଆ, ଅର, ବାଙ୍କି, ହସ୍ତସପଟା, କଣି, ଶଙ୍ଖଦ୍ୱାର, ଜାଳି, ଗାଙ୍ଗପଟା, ସିଂହାସନ, କନକ ମୁଣ୍ଡାଇ, ଭୂମି, ଷୋଳନାହାକା, ମକରଦଣ୍ଡା, ବସନ୍ତ, ଦୁଆର ଘୋଡ଼ା, ସାରଥୀ ପୀଢ଼, କୁମ୍ଭପଟି, ଆଠ ନାହାକା, ବାଙ୍କି, ପୀଢ଼, ଚାଷୀପଟା, ଦଣ୍ଡ।, ପାରାଭାଡ଼ି, ଖପୂରୀ, ପାଦ, ଓଲଟଶୁଆ, ଦଧିନଉତି, କଳସ, କଣ୍ଠି, ଦଣ୍ଡ, ଚକ୍ର ଓ କପିକେତନ । ରଥ ଉପରେ ଦେବପୀଠ ନିର୍ମାଣ କରାଯାଏ ତାର ନାମ କନକ ମଞ୍ଚା । ରଥ ଶୀର୍ଷରେ ଦଧିନଉତି ସ୍ଥାପିତ ହୁଏ । ଯାହାର ନାମ ହିରଣାଗର୍ଭା । ତାର ଦୁଇ ପଟେ ଓଲଟ ଶୁଆ ଖଞ୍ଜା ଯାଏ । ଯାହାର ନାମ ଜୀବ ପରମ । ଶନିବାର ଠାରୁ ଆରମ୍ଭ ହୋଇଛି ତିନିରଥର ତେରପରସ୍ଥ ପୋଟଳ କାର୍ଯ୍ୟ , ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇଥାଏ । ତିନିରଥର ଏକ ନମ୍ବର ପୋଟଳ ସଂଯୋଗ ହେବା ପରେ ବାକି ୧୨ ପରାସ୍ତ ପୋଟଳ ପାରାଭାଡ଼ି କୁ ମିଶାଇ ନିର୍ମାଣ ହେବ। ଏଥିସହ ଆଜି ତିନିରଥର ଆଗ ଆଣି ଏବଂ ପଛ ଆଣି ଦୁଇଟି ଲେଖାଏଁ କତରା ନିର୍ମାଣ ଶେଷ ହୋଇଛି। ତିନିରଥର ମହାରଣା ମାନେ ଭାରି ଜିନିଷର ବୁହା ବୋହି ପାଇଁ ଭୋଇ ସେବକ ମାନଙ୍କ ପାଇଁ ଦୁଇଟି ଲେଖାଏଁ ୨୦ ଫୁଟିଆ ସାଙ୍ଗି ନିର୍ମାଣ ଶେଷ କରିଛନ୍ତି। ମହାରଣା ସେବକ ମାନେ ତିନି ରଥର କନକ ମୁଣ୍ଡି , ଅଁଳା ପିଣ୍ଡି, କଳସ ପିଣ୍ଡି ନିର୍ମାଣ ପାଇଁ ୪ ଟି ଲେଖାଏଁ ଶିମିଳି କାଠ ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ରୂପକାର ସେବକ ମାନେ ତିନିରଥର ୪ ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ବାକି ୪ ଗୋଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିବା ସହ ତିନି ରଥର ଗୋଟିଏ ଗୋଟିଏ ଚାର ପରିଛା ରେ ୫ଟି ଲେଖାଏଁ ପଦ୍ମ ଫୁଲ ସହ ପଦ୍ମକଢ଼ି ଡାଳି ଲତା ଚିତ୍ର ଖୋଦେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ କଇଁଚି କଣ୍ଟା ସହ , ତିନିରଥର ପୋଟଳ ପାଇଁ ନରାଜ କଣ୍ଟା, ପୋଟଳ ନଡ଼ା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥ ଯାତ୍ରା ପାଇଁ ତିନି ରଥର ଠାକୁରଙ୍କ ବେଶ ପାଇଁ ବେଶ୍ ଘୋଡ଼ିଆ,ଚାଙ୍ଗଡ଼ା ଷ୍ଟାଣ୍ଡ, ବାସୁଙ୍ଗା ପାଟ ଦଉଡ଼ି ବୋଳିବା ପାଇଁ ବାଉଁଶ କାଠି ଏବଂ ରଥକୁ ଉଠି ନିର୍ମାଣ କାର୍ଯ୍ୟ ପାଇଁ ବାଉଁଶ ସିଡି ନିର୍ମାଣ କରୁଛନ୍ତି। ଆଜି ଚିତ୍ରକାର ସେବକ ମାନେ ତିନିରଥର ପାର୍ଶ୍ୱ ଦେବ ଦେବୀ, ସଖୀ, ଓଲଟ ଶୁଆ, ଏବଂ ଶିଖର ଡମ୍ବରୁ ଇତ୍ୟାଦି ସଫା କାର୍ଯ୍ୟ ଶେଷ କରି ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି। ତିନିରଥର ମହାରଣା ସେବକ ୭୮ ଜଣ, ଭୋଇ ସେବକ ୭୫ଜଣ, ରୂପକାର ସେବକ ୨୧ଜଣ , ଓଝା କମାର ସେବକ ୨୦ଜଣ , କରତୀ ସେବକ ୪ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ଜଣ , ରଥଖଳା ସହାୟକ ୧ଜଣ ମୋଟ ୨୦୩ ଜଣ ରଥ ନିର୍ମାଣକାରୀ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୫ ଜୁନ୍ ୨୦୨୬

ସମ୍ପାଦକୀୟ

# ବିକାଶ ପାଇଁ ବିଶ୍ୱସ୍ତରୀୟ ଶିକ୍ଷା

ମାନବ ଜୀବନର ବିକାଶ ପାଇଁ ଶିକ୍ଷା ଯେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଏ କଥାରେ କିଛି ଦ୍ୱିରୁକ୍ତି ନାହିଁ। ଜୀବନର କୌଣସି ବି କ୍ଷେତ୍ରରେ ରହିଛି ଶିକ୍ଷାର ଆବଶ୍ୟକତ। ବିନା ଶିକ୍ଷାରେ କିଛି ବି ସମ୍ଭବ ନୁହେଁ। ଏ କଥା ବୁଝିବା ଅତି ସହଜ। ଯେ କେହି ବି ଏହି କଥାକୁ ଅତି ସହଜରେ ବୁଝିପାରିବେ, ଯେ କେହି ବି ଏହି କଥାକୁ ବିନା ଦ୍ୱିଧାରେ ହୃଦୟଙ୍ଗମ କରିପାରିବେ ଯେ ଜୀବନରେ ଉନ୍ନତି ପାଇଁ, ସମାଜରେ ଉନ୍ନତି ପାଇଁ ଶିକ୍ଷାର କେତେଦୂର ରହିଛି ଆବଶ୍ୟକତା। ବିନା ଆଲୋକରେ ଘର ଅବା ପରିବେଶ ଯେମିତି ଅନ୍ଧାର, ବିନା ଶିକ୍ଷାରେ ଜୀବନ ବି ସେମିତି ଅନ୍ଧାର। ସବୁରୀ କ୍ଷେତ୍ରରେ ଶିକ୍ଷାର ଯେଉଁଲି ଭାବେ ଆବଶ୍ୟକ ରହିଛି, ସେଭଳି ଆବଶ୍ୟକତାକୁ ପ୍ରତି ମୁହୂର୍ତ୍ତରେ ପ୍ରତ୍ୟକ ଅନୁଭବ କରନ୍ତି ହେଲେ ସମସ୍ତେ ଯେ ସେହି ଶିକ୍ଷାକୁ ସଠିକ୍ ଭାବେ ନିଜ ନିଜ ଜୀବନରେ ପ୍ରୟୋଗ କରନ୍ତି ଏବଂ ଏକ ସକାରାତ୍ମକ ଶିକ୍ଷାର ସୁଫଳ ପାଆନ୍ତି , ସେ ବିଷୟରେ ସବୁବେଳେ ନିଶ୍ଚିତରୂପେ କିଛି କହିବା ସମ୍ଭବ ନୁହେଁ। ଭାରତର ସ୍ୱାଧୀନତା ପୂର୍ବରୁ ଦେଶରେ ଶିକ୍ଷାର ମାନଦଣ୍ଡ ଯେଭଳି ଥିଲା, ଏବେ ସେଥିରେ ସୁଧାର ଆସିଛି ନିଶ୍ଚୟ। ହେଲେ ତଥାପି ଆଜି ବି ବହୁତ କମି ପରିଲକ୍ଷିତ ହେଉଛି। ଯାହା ପାଇଁ ଦେଶର ଶୈକ୍ଷିକ ବିକାଶ ଏବେ ବି ସେହି ସ୍ତରକୁ ଆସିନାହିଁ, ଯାହାକୁ ଆକ୍ଷରିକ ଅର୍ଥରେ ବାସ୍ତବ ଏବଂ ବିକଶିତ କହିପାରିବା। କୁଳପତିମାନଙ୍କର ଦୁଇଦିନିଆ ଏକ ସମ୍ମିଳନୀକୁ ଉଦ୍ଘାଟନ କରିବା ଅବସରରେ ରାଜ୍ୟପାଳ ତାଙ୍କର ଅଭିଭାଷଣରେ ସେହିଭଳି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି ଯାହା କି ଆଜିର ସମୟରେ ରାଜ୍ୟର ଅବା ଦେଶର ସମସ୍ତ ବୁଦ୍ଧିଜୀବୀଙ୍କୁ ଚିନ୍ତା କରିବାର ରହିଛି ଆବଶ୍ୟକତା ଯାହାକୁ କେବେ ବି ଅସ୍ୱୀକାର କରିହେବନି। ଭାରତର ସ୍ୱାଧୀନତା ପୂର୍ବରୁ ଆମ ଦେଶର ଶିକ୍ଷା ବ୍ୟବସ୍ଥା ସେତେ ଉନ୍ନତ ନଥିଲା। ଧୀରେ ଧୀରେ ଭାରତର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହେଲା। ଦେଶରେ ସ୍କୁଲ୍ କଲେଜ, ଟେକ୍ନିକାଲ ଏକାଡେମୀ ଏବଂ ଆଇଟି ସେକ୍ଟର ଧୀରେ ଧୀରେ ବିକଶିତ ହେଲା। ଦେଶରେ ଶିକ୍ଷାନୁଷ୍ଠାନମାନ ଯେଉଁଲି ଭାବେ ବୃଦ୍ଧି ପାଇବାରେ ଲାଗିଲା, ତାହା ତ ସ୍ୱାଭାବିକ ବିଷୟ। କୌଣସି ବି ଜାତି ତା'ର ବିଭିନ୍ନ କ୍ଷେତ୍ରରେ ଆବଶ୍ୟକତାର ପରିପୂରଣ ପାଇଁ, କୌଣସି ବି ଜାତି ଅବା ଦେଶ ତା'ର ବିଭିନ୍ନ କ୍ଷେତ୍ରରେ ଜନମାନସର ପରିପୂର୍ତ୍ତି ପାଇଁ, ଜନଜୀବନର ଆବଶ୍ୟକତା ପରିପୂରଣ ପାଇଁ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ନେଇପାରେ। ବିଭିନ୍ନ ଗଠନମୂଳକ ପଦକ୍ଷେପ ନେଇପାରେ। ଯେଉଁଥିରେ ଶିକ୍ଷାନୁଷ୍ଠାନର ନିର୍ମାଣ ଏବଂ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇପାରେ ଯାହା ଏକ ସାଧାରଣ କଥା। ଆମ ଦେଶ ଭାରତରେ ମଧ୍ୟ ସେହିଭଳି ହୋଇଛି। ଭାରତ ମଧ୍ୟ ସେହିଭଳି କିଛି ନୀତି ଅନୁସରଣ କରିଛି। ସ୍ୱାଧୀନତା ପରଠାରୁ ଦେଶ ବିଭିନ୍ନ କ୍ଷେତ୍ରରେ, ବିଭିନ୍ନ ସ୍ତରରେ ଅଗ୍ରଣୀ ଲାଭ କରିଛି । ତଥାପି ଏକ ବିକଶିତ ଭାରତ ନିର୍ମାଣର ସ୍ୱପ୍ନ ଆଜି ବି ଅଧୂରା ହୋଇ ରହିଛି। ଏକ ବିକଶିତ ଭାରତର ସ୍ୱପ୍ନ ଆଜି ବି ସେମିତି ସ୍ୱପ୍ନ ହୋଇ ରହିଛି ଯାହାକୁ ବାସ୍ତବରେ ପରିଣତ କରିବା ପାଇଁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ତାଙ୍କ ଦୂରଦର୍ଶୀତାର ଉପଯୋଗ କରି ଦେଶକୁ ବିକାଶ ପଥରେ ଆଗେଇନେବା ପାଇଁ ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି। ତଥାପି କିଛି କମି ରହିଯାଉଛି। ସମ୍ଭବତଃ ଆମ ଦେଶର ଶିକ୍ଷା ବ୍ୟବସ୍ଥା ଏବେ ବି ଚାହୁଁଛି କିଛି ପରିବର୍ତ୍ତନ। ମୋଦିଜୀ ତାଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ବିଭିନ୍ନ ସମୟରେ ସେମିତି କିଛି ଯୌକ୍ତିକ ତଥ୍ୟ ଉପସ୍ଥାପନ କରନ୍ତି , ଯାହାର କାର୍ଯ୍ୟକାରୀତା ଭାରତର ବିକାଶରେ ସହାୟକ ହୋଇପାରିବ। ତେବେ ଭାରତରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଅତି ଜରୁରୀ। ବିଶେଷକରି ଭାରତର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଏବେ ବି ସେମିତି ଉନ୍ନତ ତଥା ପରିମାର୍ଜିତ ଶିକ୍ଷା ପ୍ରଦାନ କରୁନାହାଁନ୍ତି, ଯାହାକୁ ଆମେ କହିପାରିବା ବିଶ୍ୱସ୍ତରୀୟ। ରାଜ୍ୟପାଳ ମଧ୍ୟ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ ଉପଦେଶ ଛଳରେ ରାଜ୍ୟରେ ଅବା ଦେଶରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ଯାହା ମାଧ୍ୟମରେ ଶିକ୍ଷାର୍ଥୀ ଏକ ଗଠନମୂଳକ ଏବଂ ସୃଜନମୂଳକ ଶିକ୍ଷା ପଦ୍ଧତିକୁ ଆପଣେଇ ପାରିବେ। ଏକାଡେମିକାଲୀ ଏବଂ ଟେକ୍ନିକାଲୀ ମଧ୍ୟ ବିଦ୍ୟାର୍ଥୀ ନିଜକୁ ଶିକ୍ଷା କ୍ଷେତ୍ରରେ ସ୍ୱୟଂସମ୍ପୂର୍ଣ୍ଣ କରିପାରିବେ ଯାହାକି ସେମାନଙ୍କ ବିଶ୍ୱସ୍ତରୀୟ ପ୍ରତିଭା ବିକାଶରେ ସହାୟକ ହୋଇପାରିବ। ଯାହାଦ୍ୱାରା ଏକ ଆତ୍ମନିର୍ଭର ଭାରତ ଗଠନ ମଧ୍ୟ ସମ୍ଭବ ହୋଇପାରିବ।

## ଯାତ୍ରାପଥ

ଯୁବକଙ୍କ ଯାତ୍ରା ପଥରେ କିଛି ବିପଦର ଆଶଙ୍କା ରହିଥିଲ। ଏଣୁ ସେଥିନେଇ ଯୁବକଙ୍କ ଗୁରୁ ବହୁତ ଚିନ୍ତିତ ଥିଲେ। ଯେହେତୁ ଯୁବକ ଜଣଙ୍କ କୌଣସି ଏକ ଆଶ୍ରମରେ ରହୁଥିଲେ, ସେଣୁ ସେ ଆଶ୍ରମରୁ ବାହାରିଯିବା ପୂର୍ବରୁ ତାଙ୍କ୍ ଗୁରୁଙ୍କ୍ ପରାମର୍ଶ ନେବାକୁ ଭୁଲିନଥିଲେ। ଗୁରୁଜୀ ସେହି ଯୁବକଙ୍କୁ ତାଙ୍କ୍ ସାଙ୍ଗରେ ଆଉ ଜଣେ ସାଧାରଣ ଯୁବକଙ୍କୁ ସାଙ୍ଗରେ ନେବାକୁ ପରାମର୍ଶ ଦେଇଥିଲେ ଯାହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଯୁବକ। ଯେହେତୁ ଯୁବକ ଜଣଙ୍କ ଥିଲେ ଅତି ଦୁର୍ବଳ ମାନେ ତାଙ୍କ୍ ଶରୀର ଥିଲା ଦୁର୍ବଳ। ସେଣୁ ସାହସୀ ଯୁବକ ଜଣଙ୍କ ତାଙ୍କୁ ନିଜ ସାଙ୍ଗରେ କିଛି ନେବାକୁ ନେଇ କିଛି କହିପାରିନଥିଲେ। ତଥାପି ଗୁରୁଙ୍କ ଆଦେଶ ଉପରେ ଯୁବକ ଜଣଙ୍କ୍ କିଛି କହିପାରିନଥିଲେ କି କିଛି ପ୍ରତିବାଦ କରି ପାରି ନଥିଲେ। ମନ କଥା ମନରେ ମାରି ଯୁବକ ଜଣଙ୍କ ଗୁରୁଙ୍କ କଥାକୁ ନୀରବରେ ମାନିନେଇଥିଲେ। ପରେ ଦୁଇ ଜଣ ମିଶି ସେହି ଯାତ୍ରାରେ ବାହାରି ଗଲେ। ତେବେ ବାଟରେ ଯାଉ ଯାଉ ସେମାନେ ଗୋଟାଲ ପାନ୍ଥଶାଳାରେ ଅଟକିଗଲେ। ସାମୟିକ ବିଶ୍ରାମ ନେଇ ସେମାନେ ଆଗକୁ ବାହାରିଯିବାର ଥିଲା କିନ୍ତୁ ସେହି ପାନ୍ଥଶାଳାରେ ହିଁ ଘଟିଗଲା ବହୁତ ବଡ଼ ଦୁର୍ଘଟଣା। ଅବଶ୍ୟ ଅଳ୍ପକେ ବଞ୍ଚିଯାଇଥିଲେ ସେଦିନ। ଯେହେତୁ ସେହି ଯୁବକଙ୍କ ଉପରେ ସେହି ପାନ୍ଥଶାଳାରେ କିଛି ଆକ୍ରମଣର ଆଶଙ୍କା ରହିଥିଲା। ସେମାନେ ବାହାରିଯିବା ପୂର୍ବରୁ କେତେକ ବଦମାସ ପ୍ରକୃତିର ମଣିଷ ସେହି ଯୁବକ ଉପରେ ଆକ୍ରମଣ କରିବାର ଯୋଜନା ନେଇ ଆଗେଇ ଆସୁଥିବାର ଦେଖି ସାହସୀ ଯୁବକ କିନ୍ତୁ କିଛିୁ ବି ଜାଣିପାରି ନଥିଲା କିନ୍ତୁ ତା' ସାଙ୍ଗରେ ଥିବା ସେହି ଦୁର୍ବଳ ଯୁବକ ଜଣଙ୍କ୍ କିନ୍ତୁ ପାନ୍ଥଶାଳା ଆଡ଼କୁ ମାଡ଼ି ଆସୁଥିବା ଯୁବକ ମାନଙ୍କ ହାବଭାବକୁ ଅନୁଭବ କରି, ତା'ର ପୂର୍ବାନୁମାନ କରି ସେଠାରୁ ପଳାୟନ କରିବାର ସୁଯୋଗ ଉଣ୍ଡି ସେଠାରୁ ଖସିଯିବାର ବାଟ ବାହାର କଲେ ଏବଂ ସେଠାରୁ ପଳାୟନ କରିବାରେ ସଫଳ ହେଲେ। ବୀର ତଥା ସାହସୀ ଯୁବକ ଜଣଙ୍କ ତାଙ୍କ ଯାତ୍ରା ପଥରେ ଆଉ ଆଗକୁ ନ ଯାଇ ଧୀରେ ଧୀରେ ପଛକୁ ଫେରିବାରେ ଲାଗିଲେ। ପରେ ସେହି ଦୁଇଜଣ ଯାଇ ଶେଷରେ ପହଞ୍ଚଗଲେ ସେହି ସାଧୁଙ୍କ ଆଶ୍ରମରେ ଯେଉଁ ସାଧୁଙ୍କ ଆଶ୍ରମରୁ ସେମାନେ ବାହାରିଥିଲେ, ସେହି ଆଶ୍ରମରେ ଗୁରୁଜୀ ତାଙ୍କ୍ ଯାତ୍ରା ସମ୍ବନ୍ଧରେ ପଚାରିବାରୁ ଯୁବକ ଜଣଙ୍କ ତାଙ୍କ୍ର ବିଫଳତାର କଥା ବଖାଣି ଦୁଃଖ କରିବାରୁ ଗୁରୁଜୀଙ୍କ ମତରେ କାହା ସହିତ ହାରି ଯିବାରେ ବିଫଳତା ନଥାଏ, ବରଂ ଆଗାମୀ ସମୟରେ ଜିତିବାର ପଥ ପରିଷ୍କାର କରିବାଟା ହେଉଛି ଅସଲ କଥା। କେବେ କେବେ ଦୁର୍ବଳ ଲୋକର ବୁଦ୍ଧିବଳ ମଧ୍ୟ କାମରେ ଲାଗେ ଯାହା ବାହୁବଳରେ ନଥାଏ। ତାହା ହେଉଛି ପ୍ରକୃତ କଥା।

# ଜଗନ୍ନାଥ ସଂସ୍କୃତିରେ ପଞ୍ଚତୀର୍ଥ ମାହାତ୍ମ୍ୟ



ଉମାଶଙ୍କର ପ୍ରସାଦ

ଜଗନ୍ନାଥ ସଂସ୍କୃତିରେ ଲୀଳାମୟ ପ୍ରଭୁ ଜଗନ୍ନାଥଙ୍କର ବାରମାସରେ ତେରଯାତ୍ରା ବିଶ୍ୱପ୍ରସିଦ୍ଧ। ପ୍ରତ୍ୟେକ ଯାତ୍ରା ଶାସ୍ତ୍ରୀୟ ବିଧି ବିଧାନ ଅନୁସାରେ ସଂପାଦିତ ହୋଇ ଜଗତର କଲ୍ୟାଣ ସାଧିତ ହୋଇଥାଏ। କୋଟି କୈବଲ୍ୟର ନାଥ ଦାରୁ ବ୍ରହ୍ମ ଜଗନ୍ନାଥଙ୍କର ଦ୍ୱାଦଶଯାତ୍ରା ବିଶ୍ୱବିଦିତ। ଏହି ଯାତ୍ରାମାନଙ୍କ ମଧ୍ୟରେ ସ୍ନାନଯାତ୍ରା ପ୍ରଥମ। ଏହି ସ୍ନାନଯାତ୍ରାର ବିଭିନ୍ନ ବିଧି ବିଧାନ ପ୍ରସଙ୍ଗରେ ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି। ସ୍ନାନଯାତ୍ରା ପୂର୍ବରୁ ପ୍ରଥମେ ଜ୍ୟେଷ୍ଠଶୁକ୍ଳ ଦଶମୀ ଦିନ ପଂଚତୀର୍ଥରେ ସ୍ନାନ ଆଚରଣକରି ପ୍ରଥମେ 'ମାର୍କଣ୍ଡେୟ'ରେ ସ୍ନାନ କରି ଭଗବାନ ଶିବଙ୍କୁ ପାର୍ଥନା କରିବେ। ମାର୍କଣ୍ଡେୟ ଙ୍କୁ ପ୍ରଣାମ କରି କହିବେ ହେ ପ୍ରଭୁ ମୁଁ ଭବସାଗରରେ ପଡି ସର୍ବଦା ହନ୍ତ ସନ୍ତ ହେଉଛି। ମୋତେ ଆପଣ ରକ୍ଷା କରନ୍ତୁ। ତାପରେ ଜଳ ବାହାରକୁ ଆସି ବସ୍ତ୍ର ପ୍ରକ୍ଷାଳନ କରି ଶ୍ରୀ ଶଙ୍କର ମନ୍ଦିରରେ ପ୍ରବେଶ କରି ବୃଷଭଙ୍କୁ ପୂଜାର୍ଚ୍ଚନା କରିବେ। ଏହିପରି ଭଗବାନ୍ ଶଙ୍କର ଓ ତାଙ୍କ ବାହାନ ବୃଷଭଙ୍କୁ ପୂଜା କରିବା ପରେ ମାର୍କଣ୍ଡେୟର ଦକ୍ଷିଣରେ ବିରାଜମାନ 'କଳ୍ପବଟ' ନିକଟକୁ ଯିବ ଯାହା ହେଉଛି ପ୍ରଭୂ ବିଷ୍ଣୁଙ୍କର ବିଗ୍ରହ। ମନରେ 'କଳ୍ପବଟକୁ'ନାରାୟଣଙ୍କ ଶରୀର ବୋଲି ଭାବି ପ୍ରଦକ୍ଷିଣ କରିବା ସହ ପୂଜା କରିବ। ଏଭଳି କଲେ କିମ୍ବଦନ୍ତୀ ଅନୁସାରେ ଏହାର ଛାୟା ସ୍ପର୍ଶ କଲେ ସମସ୍ତ ପାପରୁ ମାନବ ମୁକ୍ତ ହୋଇଥାଏ।

ଏହି କଳ୍ପବଟର ଛାୟା ସଂସ୍ପର୍ଶରେ ଆସିବାପରେ ତାର ମୂଳରେ ବିରାଜମାନ ନାରାୟଣଙ୍କର ବାହନ ଗରୁଡଙ୍କୁ ଦର୍ଶନକରି ଯୋଡ ହସ୍ତରେ ପ୍ରଣାମ କରିବ। କଥିତ ଅଛି ଗରୁଡ ଙ୍କୁ ପୂଜାକଲେ ସମସ୍ତ ପାପର ବିନାଶ ହୋଇଥାଏ। ତା ପରେ ମହାପ୍ରଭୂଙ୍କ ଦର୍ଶନ ଓ ପ୍ରଦକ୍ଷିଣ କରି ପୂଜା କଲେ ଏହି ବିଷୟ ବାସନା ପୂର୍ଣ୍ଣସଂସାରରୁ ଉଦ୍ଧାର ମିଳିଥାଏ। ଏହି ପ୍ରାର୍ଥନା କ୍ରମରେ ପ୍ରଥମେ ଅନାଥର ନାଥ ପ୍ରଭୁଶ୍ରୀଜଗନ୍ନାଥ, ତାପରେ ଲାଙ୍ଗଳଧ୍ୱଜ ଶ୍ରୀ ବଳଭଦ୍ର ତାପରେ ବିଶ୍ୱବ୍ରହ୍ମାଣ୍ଡର ମୂଳକାରଣ ଯୋଗମାୟା ସୁଭଦ୍ରାଙ୍କୁ ପ୍ରାର୍ଥନା କରିବ। ଏହା ପରେ ସମୁଦ୍ର ସ୍ନାହାନ କରିବାକୁ ଯିବ ଏବଂ ମହୋଦଧିଙ୍କୁ ପ୍ରଣାମ କରି ସୁସ୍ଥିର ଚିତରେ ଉଗ୍ରସେନଙ୍କୁ ପ୍ରାର୍ଥନା କରି ତାଙ୍କଠାରୁ ଆଜ୍ଞାନେଇ ପ୍ରଭୁ ନାରାୟଣଙ୍କୁ ଚିନ୍ତନ କରି ସମୁଦ୍ରରେ ସ୍ନାନ କରିବା ପାଇଁତାଙ୍କର ଅନୁମତି ଭିକ୍ଷା କରିବ। ଏହାପରେ ଅନ୍ୟତମ ତୀର୍ଥ ସ୍ୱର୍ଗଦ୍ୱାର ନିକଟକୁ ଯାଇ ସେଠାରେ ଉଭୟ ତୀର୍ଥରାଜ ଓ ଉଗ୍ରସେନଙ୍କୁ ପ୍ରାର୍ଥନା କରିବ। ଏହାପରେ ସେହି ମହୋଦଧି ନିକଟରେ ଶାସ୍ତ୍ରସମ୍ମତ ମଣ୍ଡଳ ଆଙ୍କି ତାହାକୁ ମନ୍ତ୍ର ପାଠ ପୂର୍ବକ ଅଭିମନ୍ତ୍ରିତ କରି ଅଙ୍ଗନ୍ୟାସ, କରନ୍ୟାସ ଆଦି କାର୍ଯ୍ୟ ସଂପାଦନ କରି ସମସ୍ତ ଦେବଙ୍କୁ ଆବାହନ କରିବ ଏବଂ ନିଜର ରକ୍ଷା ପାଇଁ ପ୍ରାର୍ଥନା କରିବ। ତାପରେ କୋଟିସୂର୍ଯ୍ୟ ସମପ୍ରଭ ଚକ୍ରରାଜ ସୁଦର୍ଶନଙ୍କୁ ପୂଜାକରି ପୁନଶ୍ଚ ତୀର୍ଥରାଜ ମହୋଦଧିଙ୍କୁ ଭକ୍ତି ନୈବେଦ୍ୟ ପ୍ରଦାନ ପୂର୍ବକ କହିବେ ହେ, ତୀର୍ଥରାଜ ଆପଣହିଁ ଜଳରୂପୀ ଜନାର୍ଦ୍ଦନ। ବିଶ୍ୱର ଆଦିମ ସୃଷ୍ଟି। ତୁମ୍ଭର ଦେହ ସୁଧାସମ। ତୁମ୍ଭ ଜଳରେ ପ୍ରବେଶ ପାଇଁ ଅନୁମତି ଦିଅ। ଏହାପରେ ତୀର୍ଥରାଜଙ୍କ ଜଳରେ ପ୍ରବଶେ କରି ତାଙ୍କୁ ଆବାହନ କରି ଅଘମର୍ଷଣ ସୁକ୍ତ ଗାନ କରିବ।

ସମୁଦ୍ର ତୀରରେ ମୌନ ଆଚରଣ ପୂର୍ବକ ଧବଳବସନ ପରିଧାନ କରି ଉତରୀୟ ଧାରଣ ପୂର୍ବକ ଶିରରେ ଶଙ୍ଖାକୃତି ତିଳକ ପରିଧାନ କରିବ। ଏହାପରେ ୧୦୮ ଥର ପ୍ରଭୁଙ୍କର ମୂଳମନ୍ତ୍ର 'ଓଁ କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ସ୍ୱାହାନ୍ତ। କଥିଛ ଅଛି ସିନ୍ଧୁ ସ୍ନାନ ଫଳରେ ଅନେକ ପୁଣ୍ୟ ଅର୍ଜିତ ହୋଇଥାଏ ଏବଂ ଜନ୍ମ ଜନ୍ମାନ୍ତର ପାପକ୍ଷୟ ହୋଇଥାଏ। ଏହି ସିନ୍ଧୁ ସ୍ନାନ କରିବା ପାଇଁ ଦେବତାମାନେ ମର୍ତ୍ତ୍ୟକୁ ଓହ୍ଲାଇ ଆସନ୍ତି। ଏ ସମୁଦ୍ର ହିଁ ସ୍ୱୟଂ ନାରାୟଣ। ପଂଚତୀର୍ଥର ମାହାତ୍ମ୍ୟ ସହିତ ତୀର୍ଥରାଜ ଜଳନିଧିରେ ସ୍ନାନ କରିବାର ସୁଫଳ ବିଷୟ ସ୍କନ୍ଦ ପୁରାଣରେ ଅତି ସୁନ୍ଦର ଭାବରେ ବର୍ଣ୍ଣିତ କରାଯାଇଛି।

ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା
(୬୩୭୦୬ ୭୫୫୬୨)

# ଶିଷ୍ଟାଚାର ହେଉଛି ପାରିବାରିକ ଆଦର୍ଶ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଶିଷ୍ଟାଚାର ହେଉଛି ପରିବାରର ନିୟମ ଯାହା ବ୍ୟକ୍ତିର ଚରିତ୍ର, ଆଚରଣ ଏବଂ ବ୍ୟକ୍ତିତ୍ୱକୁ ଗଢ଼ି ତୋଳିଥାଏ। ପରିବାର ହେଉଛି ଜଣେ ବ୍ୟକ୍ତିଙ୍କର ପ୍ରଥମ ଶିକ୍ଷାନୁଷ୍ଠାନ। ଏଠାରେ ହିଁ ଜଣେ ଭଲ ଏବଂ ମନ୍ଦ, ନୈତିକତା, କର୍ତ୍ତବ୍ୟ ଏବଂ ଅଧିକାର ଏବଂ ସାମାଜିକ ମୂଲ୍ୟବୋଧ ବିଷୟରେ ଶିଖେ। ଶିଷ୍ଟାଚାର ହେଉଛି ଏକ ସୁନ୍ଦର, ସଂଗଠିତ ଏବଂ ଭଲ ପରିବାରର ମୌଳିକ ଭିତ୍ତିଭୂମି। ଶିଷ୍ଟାଚାର ବିନା ଏକ ପରିବାରରେ ଶାନ୍ତି, ସମ୍ମାନ, ପ୍ରେମ ଏବଂ ସହଯୋଗର ପରିବେଶ ସୃଷ୍ଟି ହୋଇପାରିବ ନାହିଁ। ଶିଷ୍ଟାଚାର କେବଳ ବାହ୍ୟ ଆଚରଣ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ସଂସ୍କୃତି, ଶିଷ୍ଟାଚାର, ଦୟା ଏବଂ ମାନବିକତାର ପ୍ରକାଶ। ଯଦି ପରିବାରର ପ୍ରତ୍ୟେକ ସଦସ୍ୟ ଶିଷ୍ଟାଚାର ପାଳନ କରନ୍ତି ତେବେ ସେହି ପରିବାର ଏକ ଆଦର୍ଶ ପରିବାର ହୋଇଯାଏ। ଶିଷ୍ଟାଚାର ଶବ୍ଦଟି 'ଶିଷ୍ଟ' ଏବଂ 'ଆଚାର' ଦୁଇଟି ଶବ୍ଦରୁ ଉତ୍ପନ୍ନ ହୋଇଛି। ଶିଷ୍ଟ ଅର୍ଥ ହେଉଛି ଏକ ନମ୍ର, ସଭ୍ୟ ଏବଂ ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଏବଂ ଆଚାର ଅର୍ଥ ହେଉଛି ଆଚରଣ। ତେଣୁ ଶିଷ୍ଟାଚାର ଅର୍ଥ ହେଉଛି ନମ୍ର ଏବଂ ସୌଜନ୍ୟପୂର୍ଣ୍ଣ ଆଚରଣ। ଶିଷ୍ଟାଚାରରେ ବଡ଼ମାନଙ୍କୁ ସମ୍ମାନ କରିବା, ସାନମାନଙ୍କୁ ପ୍ରେମ କରିବା, ଦୟାପୂର୍ଣ୍ଣ କଥା କହିବା, ଅନ୍ୟମାନଙ୍କ ଭାବନାକୁ ସମ୍ମାନ କରିବା, ସହଯୋଗ କରିବା ଏବଂ ନିଜ କର୍ତ୍ତବ୍ୟ ପାଳନ କରିବା ଅନ୍ତର୍ଭୁକ୍ତ। ଶିଷ୍ଟାଚାର ଜଣେ ବ୍ୟକ୍ତିକୁ ମହାନ କରିଥାଏ। ଧନ, ସମ୍ପତ୍ତି କିମ୍ବା ଉଚ୍ଚ ପଦବୀ ଦ୍ୱାରା ସମ୍ମାନ ଅର୍ଜନ ହୁଏ ନାହିଁ, ବରଂ ସେମାନଙ୍କର ଭଲ ଆଚରଣ ଏବଂ ଆଚରଣ ହିଁ ସେମାନଙ୍କୁ ସମାଜରେ ପ୍ରେମ ଏବଂ ସମ୍ମାନ କରିଥାଏ। ପରିବାର ହେଉଛି ସମାଜର ସବୁଠାରୁ ଛୋଟ ଏକକ। ପରିବାରରେ ପିଲା ଜୀବନର ପ୍ରଥମ ଶିକ୍ଷା ଶିଖେ। ପିତାମାତା, ଜେଜେବାପା, ଭାଇଭଉଣୀ ଏବଂ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ଆଚରଣ ପିଲା ଉପରେ ଗଭୀର ପ୍ରଭାବ ପକାଇଥାଏ। ଯେଉଁ ପରିବାରରେ ଶିଷ୍ଟାଚାର ପ୍ରଚଳିତ ହୁଏ, ସମସ୍ତେ ପରସ୍ପରକୁ ସମ୍ମାନ କରନ୍ତି, ଭଲ ପାଆନ୍ତି ଏବଂ ସହଯୋଗ କରନ୍ତି। ଏପରି ପରିବାର ସର୍ବଦା ଶାନ୍ତି ଏବଂ ସୁଖ ଅନୁଭବ କରେ।

ଶିଷ୍ଟାଚାର ଅଭାବ ଥିବା ପରିବାରଗୁଡ଼ିକ ଝଗଡା, ଅଶାନ୍ତି, ଅବିଶ୍ୱାସ ଏବଂ ଦ୍ୱନ୍ଦ୍ୱର ସମ୍ମୁଖୀନ ହୁଅନ୍ତି। ତେଣୁ ଏକ ସୁସ୍ଥ ପାରିବାରିକ ପରିବେଶ ପାଇଁ ଶିଷ୍ଟ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସଂସ୍କୃତି ବୟସ୍କମାନଙ୍କୁ ସମ୍ମାନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଏ। ପିତାମାତା, ଶିକ୍ଷକ ଏବଂ ବୟସ୍କମାନଙ୍କୁ ସମ୍ମାନ କରିବା ଶିଷ୍ଟାଚାର ଏକ ପ୍ରମୁଖ ଲକ୍ଷଣ। ଯେତେବେଳେ ପରିବାରର ଛୋଟ ସଦସ୍ୟମାନେ ବୟସ୍କମାନଙ୍କୁ ସମ୍ମାନ କରନ୍ତି ସେତେବେଳେ ଭଲ ସମ୍ପର୍କ ଏବଂ ଶୃଙ୍ଖଳା ବଜାୟ ରଖାଯାଏ। ଭଦ୍ରତା କେବଳ ବୟସ୍କମାନଙ୍କୁ ସମ୍ମାନ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ। ବୟସ୍କମାନେ ମଧ୍ୟ ଛୋଟମାନଙ୍କ ପ୍ରତି ସ୍ନେହ, ପ୍ରେମ ଏବଂ କରୁଣା ଦେଖାଇବା ଉଚିତ। ଏହା ପରିବାର ମଧ୍ୟରେ ପ୍ରେମ ଏବଂ ବିଶ୍ୱାସକୁ ବୃଦ୍ଧି କରେ। କୋମଳ ଶବ୍ଦ ଜଣେ ବ୍ୟକ୍ତିଙ୍କ ହୃଦୟକୁ ଜିତିପାରେ। ଭଦ୍ର ଭାଷା ଏବଂ ଆଚରଣ ପରିବାରରେ ଖୁସି ଏବଂ ଶାନ୍ତି ଆଣିଥାଏ। କଠୋର କଥା କିମ୍ବା ଅଭଦ୍ର ଆଚରଣ ଅଶାନ୍ତି ସୃଷ୍ଟି କରେ। ଏକ ଆଦର୍ଶ ପରିବାରର ଏକ ପ୍ରମୁଖ ଗୁଣ ହେଉଛି ପାରସ୍ପରିକ ସହଯୋଗ। ପ୍ରତ୍ୟେକେ ଘରର କାମ, ସମସ୍ୟା କିମ୍ବା ଆବଶ୍ୟକତାରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ। ଏହା ଶିଷ୍ଟାଚାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଏକ କର୍ତ୍ତବ୍ୟ ଅଛି। ପିତାମାତା ସେମାନଙ୍କ ପିଲାମାନଙ୍କର ଯତ୍ନ ନିଅନ୍ତି ଏବଂ ପିଲାମାନେ ସେମାନଙ୍କ ପିତାମାତାଙ୍କ କଥା ମାନି ଚାଲନ୍ତି। ଯଦି ସମସ୍ତେ ସଙ୍କୋଚତାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି ତେବେ ପରିବାର ଏକ ଉଦାହରଣ ସୃଷ୍ଟି କରିପାରିବ। ପିଲାମାନେ ପରିବାରର ଭବିଷ୍ୟତ। ସେମାନେ ଯାହା ଦେଖନ୍ତି ଏବଂ ଶିଖନ୍ତି ତାହା ନିଜ ଜୀବନରେ ପ୍ରୟୋଗ କରନ୍ତି। ଯଦି ପରିବାରରେ ଶିଷ୍ଟାଚାରର ପରିବେଶ ଥାଏ ତେବେ ପିଲାମାନେ ମଧ୍ୟ ଭଦ୍ର, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୋଇ ବଡ଼ ହୁଅନ୍ତି।

ଏହି ଯୁଗରେ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ମିଳିତ ପରିବାରର ତଥା ଯୌଥ ପରିବାର ସ୍ଥାନରେ ଏକାକୀ ରହିବା ବର୍ତ୍ତମାନ ଆରମ୍ଭ ହୋଇଛି। ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବାରର ସଦସ୍ୟଙ୍କ ମଧ୍ୟରେ ସମୟ ଏବଂ ସମ୍ପର୍କ ହ୍ରାସ ପାଉଛି। କେତେକ ସମୟରେ ଛୋଟ ପିଲାମାନେ ସେମାନଙ୍କର ବଡ଼ମାନଙ୍କୁ ସମ୍ମାନ କରନ୍ତି ନାହିଁ ଏବଂ ବଡ଼ମାନେ ମଧ୍ୟ ଧୈର୍ଯ୍ୟ ହରାଇ ବସନ୍ତି। ଫଳସ୍ୱରୂପ ପରିବାରରେ ଶିଷ୍ଟାଚାର ଅବନତି ପାଇଥାଏ । ଏହା ଏକ ଚିନ୍ତାର ବିଷୟ। ପରିବାର ମଧ୍ୟରେ ଶିଷ୍ଟାଚାର ଶିକ୍ଷା ଆରମ୍ଭ ହେବା ଉଚିତ। ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ନିଜ ଆଚରଣ ମାଧ୍ୟମରେ ଶିକ୍ଷା ଦେବା ଉଚିତ। ବିଦ୍ୟାଳୟରେ ନୈତିକ ଶିକ୍ଷା ଦିଆଯିବା ଉଚିତ। ଏହା ମାଧ୍ୟମରେ ପିଲାମାନେ ଭଲ ଆଚରଣର ମୂଲ୍ୟ ବୁଝିପାରିବେ। ଭାରତୀୟ ସଂସ୍କୃତି ଏବଂ ପରମ୍ପରା ହେଉଛି ଶିଷ୍ଟାଚାରର ମୂଳଦୁଆ। ଏହି ଆଲୋଚନା ମାଧ୍ୟମରେ ପରିବାରରେ ଭଲ ନୈତିକ ମୂଲ୍ୟବୋଧ ବିକଶିତ ହୋଇପାରିବ। ଶିଷ୍ଟାଚାର ପାଳନ ପାଇଁ ଆତ୍ମନିୟନ୍ତ୍ରଣ ଆବଶ୍ୟକ। କ୍ରୋଧ, ଅହଂକାର ଏବଂ ସ୍ୱାର୍ଥପରତା ପରିତ୍ୟାଗ କରିବା ଉଚିତ। ପରିବାରର ସଦସ୍ୟମାନେ ପରସ୍ପର ସହିତ ସମୟ ବିତାଇବା ଉଚିତ। ଏହା ସମ୍ପର୍କକୁ ମଜବୁତ କରେ ଏବଂ ଶିଷ୍ଟାଚାର ବିକଶିତ କରେ। ଏକ ଆଦର୍ଶ ପରିବାରରୁ ଏକ ଆଦର୍ଶ ସମାଜ ନିର୍ମିତ ହୁଏ। ପରିବାରରେ ଶିଷ୍ଟାଚାର ଥିଲେ ସମାଜରେ ଶାନ୍ତି, ଶୃଙ୍ଖଳା ଏବଂ ସମନ୍ୱୟ ରହିବ। ଯେଉଁ ଦେଶରେ ପରିବାର ଶିଷ୍ଟାଚାରରେ ପରିପୂର୍ଣ୍ଣ ଥାଏ ସେ ଦେଶ ପ୍ରଗତି ଏବଂ ସମୃଦ୍ଧି ଆଡକୁ ଆଗେଇଥାଏ । ଶିଷ୍ଟାଚାର ଜଣେ ବ୍ୟକ୍ତିକୁ କେବଳ ଜଣେ ଭଲ ପରିବାର ସଦସ୍ୟ ନୁହେଁ ବରଂ ଜଣେ ଭଲ ନାଗରିକ ଏବଂ ଜଣେ ଭଲ ମଣିଷ ମଧ୍ୟ ଗଢି ତୋଳିବାରେ ସାହାଯ୍ୟ କରେ । ଏହା ସମାଜରେ ପ୍ରେମ, ଭାଇଚାରା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ଶିଷ୍ଟାଚାର ହେଉଛି ପାରିବାରିକ ଜୀବନର ମୌଳିକ ମୂଳଦୁଆ। ଏହା ପରିବାରକୁ ସୁସଂଗଠିତ, ଖୁସି ଏବଂ ଆଦର୍ଶ କରିଥାଏ। ଶିଷ୍ଟାଚାର ପାରସ୍ପରିକ ସମ୍ମାନ, ସ୍ନେହ, ସହଯୋଗ ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରିଥାଏ। ଏହା କେବଳ ପରିବାରକୁ ନୁହେଁ ବରଂ ସମଗ୍ର ସମାଜ ଏବଂ ଦେଶକୁ ପ୍ରଗତି ପଥରେ ଆଗେଇ ନେଇଥାଏ। ତେଣୁ ପ୍ରତ୍ୟେକ ପରିବାରରେ ଶିଷ୍ଟାଚାର ବିଷୟରେ ଆଲୋଚନା ହେବା ଉଚିତ। ପିଲାମାନଙ୍କୁ ଛୋଟ ବୟସରୁ ହିଁ ସୌଜନ୍ୟ, ଆଚାର ଏବଂ ନୈତିକତା ଶିଖାଇବା ଉଚିତ। ଯେତେବେଳେ ପ୍ରତ୍ୟେକ ପରିବାର ଶିଷ୍ଟାଚାରକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିବ ସେତେବେଳେ ସେ ପରିବାରର ଭାବ ମାଧୁର୍ଯ୍ୟମୟ ହେବା ସହିତ ତାଙ୍କ ଦ୍ୱାରା ଏକ ସୁନ୍ଦର, ସୁସ୍ଥ ଏବଂ ଆଦର୍ଶ ସମାଜ ସୃଷ୍ଟି ହେବାରେ ସହାୟକ ହେବ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

# ବଉଳାଗାଈ ର ଆତ୍ମକାହାଣୀ



ଧୀରେନ୍ଦ୍ର ନାଥ ଦାସ

ମୁଁ ବଉଳା । ମୋ ମାଲିକ ତଥା ପରିବାର ର ସମସ୍ତେ ମତେ ବଉଳା ବୋଲି ଡାକନ୍ତି । ମାଲିକଟି ଧନୀ ଓ ଥିଲାବାଲା ଲୋକ ଥିଲେ । ମୋର ସେବା ଯତ୍ନ କରିବା ପାଇଁ ଜଣେ ସେବାକାରୀ ନିଯୁକ୍ତ ଥିଲେ । ସବୁଦିନ ସକାଳୁ ସେବକଟି କୁନି ବାଛୁରୀ ପାଇଁ ଯଥେଷ୍ଟ କ୍ଷୀର ଛାଡିଦେଇ ମୋ ଠାରୁ ତିନିସେର କ୍ଷୀର ଦୁହିଁ କରି ନେଇଥାନ୍ତି । କ୍ଷୀର ଦୁହାଁହୋଇ ମାଲିକଙ୍କ ଘରକୁ ଗଲେ ପରିବାର ର ସବୁ ଲୋକ ଆମ ବଉଳା ଗାଈର ଦୁଧ ଆସିଲା ବୋଲି ଖୁସି ହୋଇଥାନ୍ତି ।

ସ୍ୱାଧୀନତା ପୂର୍ବରୁ ଓଡିଶାର ଲୋକମାନଙ୍କ ଘରେ ଘରେ ଗାଈ ବଳଦ ବାଛୁରୀ ମାନେ ଭରପୁର ହୋଇ ରହିଥିଲେ। ଘିଅ ,ଦୁଧ,ଦହି ,ଛେନା,ସର,ଲହୁଣୀ ସବୁ ଘରେ ଅଳ୍ପ ବହୁତ ମିଳୁଥିଲା । ଲୋକମାନେ ଦୁଗ୍ଧଜାତ ଦ୍ରବ୍ୟରେ ସ୍ୱାବଲମ୍ବୀ ଥିଲେ। ସ୍ୱାଧୀନତା ପରେ ପ୍ରାୟ କୋଡିଏ ବର୍ଷ ଏହି ଧାରା ବଜାୟ ରହିଥିଲା ।

ପଶୁ ସମ୍ପଦର ବିକାଶ ପାଇଁ ସରକାର ପଦକ୍ଷେପ ଗ୍ରହଣ କଲେ । ବିଜ୍ଞାନି ମାନେ ଉନ୍ନତ ଗବେଷଣା କରି ସଙ୍କର ଜାତୀୟ ଗାଈ ସୃଷ୍ଟି କରିବା ସହ ଏହାର ବ୍ୟାପକ ପ୍ରଚାର ପ୍ରସାର କରିଚାଲିଲେ । ଯାହାଦ୍ୱାରା କି ମୋ ଭଳି ବଉଳା ଗାଈ ମାନେ ଧୀରେ ଧୀରେ ମାଲିକ ମାନଙ୍କ ଗୁହାଳରୁ ହଟିଲେ । ହଳ ଲଙ୍ଗଳ ବନ୍ଦକରି ଟ୍ରାକ୍ଟରରେ ଚାଷ କରିବାରୁ ଆଉ ବଳଦଙ୍କ ଆବଶ୍ୟକତା ରହିଲା ନାହିଁ ।

ଏବେ ବଜାରରେ ପାଉଡର ସହିତ ବିଭିନ୍ନ କୃତିମ ଜନିଷ ତଥା କେମିକାଲ ମିଶାଯାଇ ନାମୀଦାମୀ କମ୍ପାନୀ ବ୍ରାଣ୍ଡରେ କ୍ଷୀର,ଦହି,ଛେନା,ସର,ଲହୁଣୀ ଘିଅ ଆଦି ବଜାରରେ ଭରପୁର ହୋଇଛି । ଅତୀତର ସେହି ମାଲିକ ମାନଙ୍କ ବଂଶଧର ମାନେ ଏହି ଦୁଗ୍ଧଜାତ ଜିନିଷ ଗୁଡ଼ିକ କିଣି ଖାଉଛନ୍ତି ।

ରାଇଜ ସାରା କାଁ ଭାଁ ବଉଳାର ବଂଶଧର ମାନେ ଅଛନ୍ତି । ଆଜିର ଦୁନିଆଁରେ ସର୍ବଗିଳା ମଣିଷ ଦଣ୍ଡା ,ଗୋଚର , ଅନାବାଦି,ପତିତ ଆଦି ସବୁ ଦଖଲ କରିଗଲେଣି । ଚାରଣ ଭୂମି ସରି ଆସିଲେଣି । ସରକାରଙ୍କ ଖାଦ୍ୟସୁରକ୍ଷା ଯୋଜନାରେ ଘରେ ଘରେ ଚାଉଳ ଭରପୁର ହେଉଛି । ଗୋଖାଦ୍ୟ କୁଣ୍ଡା କିଲୋ ସାତ ଟଙ୍କା ହେଲେଣି । ମୋ ବଂଶଧର ଖାଇବା ବିନା ବହୁତ ଦୁଃଖରେ ଅଧା ପେଟରେ ରହୁଛି । ଗୋପାଳକମାନେ ମୋର କ୍ଷୀର ଦେବା ସମୟ ସରିଲେ ନିର୍ଦ୍ଦୟ ମାଲିକ ମୋ ପିଲାମାନଙ୍କୁ ଗୁହାଳରୁ ବାଡେଇ ବାହାର କରିଦେଉଛି । ମୋ ପିଲାମାନେ ଏବେ ବାରବୁଲା ହୋଇ ବୁଲୁଛନ୍ତି । ଘାସ ତ ଏ ଯୁଗରେ ସାତ ସପନ ହେଲେଣି । ତେଣୁ ମୋ ପିଲାମାନେ ଶୁଖିଲା ପତର , ଜରି , ପଲିଥିନ୍, ଛିଣ୍ଡାଅଖା ଦାନ୍ତରେ ରଗଡୁଛନ୍ତି । ଗଡିଆ , ପୋଖରୀ, ଚୁଆ , ନାଳ ସବୁ ପୋତି ଦେଇ କୋଠାବାଡି କରାଯାଉଛି । ପାଣି ମୁନ୍ଦେ ପିଇବାକୁ ମଧ୍ୟ ପାଉନାହାନ୍ତି । ରାସ୍ତା , ନଦୀବନ୍ଧ, କେନାଲ ବନ୍ଧ , ଗାଁ ଦାଣ୍ଡ, ନଦୀ ବା କେନାଲ ବ୍ରିଜ ଉପର ହେଉଛି ସେମାନଙ୍କର ବିଶ୍ରାମସ୍ଥଳ । ବେପରୁଆ ଗାଡିଚାଳକଙ୍କ ଯୋଗୁ ମୋ ପିଲାମାନଙ୍କର ମଧ୍ୟ ଅକାଳମୃତ୍ୟୁ ଘଟୁଛି । ସେହିପରି ବିଜ୍ଞାନୀ ମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଶଙ୍କର ଜାତୀୟ ବଉଳା ମାନଙ୍କ ପିଲାମାନଙ୍କର ମଧ୍ୟ ଏକା ଅବସ୍ଥା । ସରକାର ବାହାଦୁର ବଉଳାର ପିଲାମାନଙ୍କ ସୁରକ୍ଷା ପାଇଁ କୌଣସି ଯୋଜନା କରୁ ନହାଁନ୍ତି । କିଛି ଯୁବକ ଗୋ ସୁରକ୍ଷା ବାହିନୀ ଓ ବଜରଙ୍ଗ ଦଳ ଗଢି ଟ୍ରକ ଅଟକେଇବା କାମ କରୁଛନ୍ତି । ସେମାନେ ସରକାରୀ ସ୍ୱୀକୃତି ପାଇଛନ୍ତି କି ନାହିଁ ତାହା ସରକାର ଜାଣନ୍ତି । ଯଦି ସ୍ୱେଚ୍ଛାସେବୀ ମାନେ ଗୋ ସୁରକ୍ଷା ପାଇଁ ଏତେ ବ୍ୟାକୁଳ ତାହେଲେ ସରକାରଙ୍କ ଉପରେ ଚାପ ପକେଇ ପ୍ରତି ପଞ୍ଚାୟତରେ ଗୋଶାଳା ନିର୍ମାଣ କରୁନାହାଁନ୍ତି କାହିଁକି । ଗୋଶାଳା ହେଲେ ବଉଳାର ପିଲାମାନେ ସେଠାରେ ରହିପାରନ୍ତେ । ସରକାର ଗରିବ କଲ୍ୟାଣ ଯୋଜନା କରି ମଣିଷ ମାନଙ୍କ ପାଇଁ ଜଣ ପିଛା ମାସକୁ ୫ କିଲୋ ଚାଉଳ ବିନାମୂଲ୍ୟରେ ଯୋଗାଉଛନ୍ତି । ହେଲେ ବଉଳାର ପିଲାମାନଙ୍କ ପାଟି ଫିଟୁନି ବୋଲି ସରକାର ଏତେ ହିନିମାନ କରୁଛନ୍ତି । ପୁଣ୍ୟ ଭୂମି ଭାରତବର୍ଷରେ ମୋ ପିଲାମାନଙ୍କର ଖାଇପିଇ ବଞ୍ଚିବାର ଅଧିକାର ରହିଛି । ମୋ ପିଲାମାନଙ୍କ ଅଧିକାରକୁ ସରକାର ମାନିବାକୁ ପଡିବ । ସରକାର ଏ ସମ୍ବେଦନଶୀଳ ବିଷୟକୁ ହୃଦୟଙ୍ଗମ କରିବାର ସମୟ ଆସିଛି। ସରକାର ଉଦାସୀନ ରହିଲେ ବଉଳା ବଂଶଧର ସବୁଦିନ ପାଇଁ ଦୁନିଆଁରୁ ଲୋପ ପାଇଯିବେ । ଯଦି ସରକାର ବଉଳାର ବଂଶଧରମାନଙ୍କୁ ଉପାସ ଭୋକରେ ମାରିବାକୁ ଦିଅନ୍ତି ଓ ତାଙ୍କର ଆର୍ତ୍ତନାଦ ନ ଶୁଣନ୍ତି ତାହେଲେ ଭାରତରୁ ମାନବ ସଭ୍ୟତା ଅଚିରେ ଧ୍ୱଂସ ପାଇଯିବ ଏହା ହେଉଛି ବଉଳା ଗାଈର ମର୍ମବେଦନା ।



ମୁଁ ବଉଳା କହୁଛି - ଆଉ ଦଶ ପନ୍ଦର ବର୍ଷ ଭିତରେ ଓଡିଶା ମାଟିରୁ ମୋ ବଂଶଧର ମାନେ ଲୋପ ପାଇଯିବେ । ସବୁଦିନ ପାଇଁ ବଉଳା ଗାଈକୁ ଓ ତା'ର ଚରିତ କୁ ଭୁଲିଯିବେ । ଆଲବମ୍ ରେ ମୋ ଚିତ୍ର ରଖି ସେମାନଙ୍କ ବଂଶଧରମାନଙ୍କୁ ବଉଳା ଗାଈ ଥିଲା ବୋଲି ଦେଖେଇବା ବ୍ୟତୀତ ଆଉ କିଛି ନଥିବ । ସରକାର ଅନେକ ଯୋଜନା ପ୍ରଣୟନ କରୁଛନ୍ତି ଗୋମାତା ପାଇଁ ଗୋଟିଏ ବୈଧାନିକ ଯୋଜନା କରିବା ପାଇଁ ବଉଳା ବଂଶଧର ମାନେ ନିବେଦନ କରିଛନ୍ତି ।

ସୁଆଣ୍ଡୋ
ଦୂରଭାଷ ୯୯୩୮୧୩୯୦୩୮୧

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୫ ଜୁନ୍ ୨୦୨୬

# ନିର୍ଯାତିତା ମହିଳା ସରପଞ୍ଚ ଚାମେଲି ଓଝାଙ୍କ ପାଇଁ ଆଶୁ ଉନ୍ନତ ଚିକିତ୍ସା, ସୁରକ୍ଷା ଓ ନିରପେକ୍ଷ ତଦନ୍ତ ଦାବି

## ଅଭିଯୁକ୍ତମାନଙ୍କୁ ଅବିଳମ୍ବେ ଗିରଫ କରାଯାଉ

**ଭୁବନେଶ୍ୱର,୧୪।୬ :** କେନ୍ଦ୍ରାପଡ଼ା ଜିଲ୍ଲାର ନିର୍ଯାତିତା ମହିଳା ସରପଞ୍ଚ ଚମେଲି ଓଝାଙ୍କ ଉପରେ ଘଟିଥିବା ଘଟଣା ପ୍ରତି ଗଭୀର ଉଦବେଗ ପ୍ରକାଶ କରି ସାମାଜିକ କର୍ମୀ ଓ ଜନ ଆନ୍ଦୋଳନର ନେତୃବୃନ୍ଦ ତାଙ୍କ ପାଇଁ ତୁରନ୍ତ ଉନ୍ନତ ଚିକିତ୍ସା, ପର୍ଯ୍ୟାପ୍ତ ସୁରକ୍ଷା ଏବଂ ଘଟଣାର ନିରପେକ୍ଷ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଗତ ୧୧ ଜୁନରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ଡଃ ବିଶ୍ୱଜିତଙ୍କ ସଂଯୋଜନାରେ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲ୍ଲା ହସପିଟାଲରେ ଚାମେଲି ଓଝାଙ୍କୁ ସାକ୍ଷାତ କରିଥିଲେ। ସେହି ସମୟରେ ଚାମେଲି ନିଜ ଜୀବନ ପ୍ରତି ବିପଦ ଥିବା ନେଇ ଆଶଙ୍କା ପ୍ରକାଶ କରିବା ସହ ହସପିଟାଲ ପରିସରରେ ଉପସ୍ଥିତ ପୋଲିସ ଓ ଆକ୍ରମଣକାରୀଙ୍କ ପ୍ରଭାବକୁ ନେଇ ଭୟଭୀତ ଥିବା କହିଥିଲେ। ସେ ନିଜକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ ମଧ୍ୟ କରିଥିଲେ। ଜଣେ ଶିକ୍ଷିତ ଦଳିତ ମହିଳା ସରପଞ୍ଚ ଭାବେ ଚାମେଲି ଓଝା ଦୁର୍ନୀତି ଓ ଅନିୟମିତତା ବିରୋଧରେ ସ୍ୱର ଉତ୍ତୋଳନ କରିଥିବାରୁ ତାଙ୍କୁ ପ୍ରଶାସନିକ ଏବଂ ରାଜନୈତିକ ପ୍ରତିହିଂସାର ଶିକାର ହେବାକୁ ପଡ଼ିଛି ବୋଲି ଆମେ ମନେ କରୁଛୁ। ଶାରୀରିକ ଆକ୍ରମଣ, ମାନସିକ ନିର୍ଯାତନା ଏବଂ ପରବର୍ତ୍ତୀ ସମୟରେ ମିଥ୍ୟା ମାମଲାରେ ତାଙ୍କୁ ଗିରଫ କରାଯିବା ଘଟଣା ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ଆଇନର ଶାସନ ପ୍ରତି ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି। ବର୍ତ୍ତମାନ ତାଙ୍କ ଶରୀରରେ ଥିବା ଆଘାତ ଏବଂ ଅବ୍ୟାହତ ମାନସିକ ଚାପ ତାଙ୍କ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିପାରେ। ଏଭଳି ପରିସ୍ଥିତିରେ ତାଙ୍କୁ ତୁରନ୍ତ କଟକସ୍ଥିତ ଏସ୍?.ସି.ବି. ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରି ଉନ୍ନତ ଚିକିତ୍ସା ସୁବିଧା ଯୋଗାଇ ଦେବା ସହ ତାଙ୍କର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଆବଶ୍ୟକ। ଆମେ ରାଜ୍ୟ ସରକାର ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ ଯେ, ଘଟଣାର ଏକ ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ତୁରନ୍ତ ନିର୍ଦ୍ଦେଶ ଦିଆଯାଉ। ଚାମେଲି ଓଝାଙ୍କ ଅଭିଯୋଗ ଅନୁସାରେ ଯେଉଁ ପୋଲିସ ଅଧିକାରୀ, ବିଡିଓ ଓ ଅନ୍ୟାନ୍ୟ ବ୍ୟକ୍ତି ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନିର୍ଯାତିତା ଦଳିତ ମହିଳା ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ସମବେଦନା ଓ ନ୍ୟାୟ ଦାବିରେ ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଓ ଲୋକଶକ୍ତି ଅଭିଯାନର ସମ୍ପାଦକ କଲ୍ୟାଣ ଆନନ୍ଦ ଆଜି ସକାଳ ୬ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ବ୍ୟକ୍ତିଗତ ଉପବାସ ପାଳନ କରିଛନ୍ତି। ଏହି ମିଳିତ ବିବୃତ୍ତିରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଂଯୋଜକ ଡଃ ବିଶ୍ୱଜିତ, ଲୋହିଆ ଏକାଡ଼େମୀର ସମ୍ପାଦକ ଦେବପ୍ରସାଦ ରାୟ ଓ ସାମାଜିକ କର୍ମୀ ଦେବୀପ୍ରସାଦ ପୃଷ୍ଟି ପ୍ରମୁଖ ସାମାଜିକ କର୍ମୀ ଓ ଜନ ଆନ୍ଦୋଳନର ନେତୃବୃନ୍ଦ ଘଟଣାର ନ୍ୟାୟସଙ୍ଗତ ସମାଧାନ ଏବଂ ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ପାଇଁ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି।



# ଗଞ୍ଜାମ ଜିଲ୍ଲାରୁ ୫୨ ଜଣ ତୀର୍ଥଯାତ୍ରୀଙ୍କ ସୋମନାଥ ସ୍ୱାଭିମାନ ଯାତ୍ରା




**ଛତ୍ରପୁର,୧୪।୬ :** 'ସୋମନାଥ ସ୍ୱାଭିମାନ ଯାତ୍ରା' ଅଭିଯାନରେ ଗଞ୍ଜାମ ଜିଲ୍ଲାର ୫୨ ଜଣ ତୀର୍ଥଯାତ୍ରୀ ଆଜି ସ୍ଥାନୀୟ ନୂଆବସଷ୍ଟାଣ୍ଡଠାରୁ ଆଜି ଗୁଜୁରାଟର ସୋମନାଥ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀମାନଙ୍କୁ ଶୁଭକାମନା ଜଣାଇଥିଲେ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେର୍କେଟା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। 'ସୋମନାଥ ସ୍ୱାଭିମାନ ଯାତ୍ରା' ମାଧ୍ୟମରେ ତୀର୍ଥଯାତ୍ରୀମାନେ ଦେଶର ସାଂସ୍କୃତିକ ଐତିହ୍ୟ, ଆଧ୍ୟାତ୍ମିକ ପରମ୍ପରା ଏବଂ ଐତିହାସିକ ଗୁରୁତ୍ୱ ବହନ କରୁଥିବା ସୋମନାଥ ଧାମ ଦର୍ଶନର ସୁଯୋଗ ପାଇବେ। ତୀର୍ଥଯାତ୍ରୀମାନଙ୍କର ସୁବିଧାରେ ଯାତ୍ରା ଓ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ତୀର୍ଥ ଯାତ୍ରୀମାନେ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

# ଶୈବପୀଠରେ ପାନୀୟଜଳର ଅଭାବ



**ଆଠମଲ୍ଲିକ,୧୪।୬ :** ଅଞ୍ଚଳ ର ସର୍ବପୁରାତନ, ଐତିହ ସମ୍ପର୍ଣ ଉଷ୍ମ ପ୍ରଶ୍ରବଣ ତଥା ଜିଲ୍ଲା ର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଦେଉଳଝରୀ (ଆଠମଲ୍ଲିକ ) ରେ ସରକାର ଙ୍କ ତରଫରୁ ନିର୍ମିତ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଗ୍ରୀଷ୍ମ ଆରମ୍ଭ ରୁ କିଛିଦିନ ଅଚଳ ହୋଇ ପଡ଼ିଥିବା ବେଳେ ଏବେ ଗରମ ପାଣି ରେ ଦୂର ଦୁରାନ୍ତ ରୁ ଆସୁଥିବା ଭକ୍ତ ମାନଙ୍କୁ ମନ ବୁଝାଇନେବାକୁ ପଡୁଛି। ପ୍ରକଶ ଥାଉକି ଦେଉଳଝରି ପରିବେଶ ରେ ସବୁଠାରେ ଗରମପାଣି ବାହାରିଥାଏ। ଏମିତିକି ବୋରିଙ୍ଗ ପାଣି ମଧ୍ୟ ଅତ୍ୟଧିକ ଗରମ ଯୋଗୁଁ ପାନୀୟ ଉପଯୋଗୀ ନୁହେଁ ଏପରି ସ୍ଥଳରେ ସରକାର ଙ୍କ ଏକମାତ୍ର ଭରସାଯୋଗ୍ୟ ଥଣ୍ଡା ପାଣି ପ୍ରକଳ୍ପ ଦୀର୍ଘ ଦିନ ହେବ ଅଚଳ ହୋଇଯିବ ଓ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୁରା ଗ୍ରୀଷ୍ମ ଋତୁ ରେ ମରାମତି ନ ହେବା ଅତ୍ୟନ୍ତ ଦୁଃଖ ଓ ପରୀତାପ ର ବିଷୟ। ବର୍ତମାନ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଥିବାରୁ ଥଣ୍ଡା ପାଣି ର ଆବଶ୍ୟକତା ଥିବା ବେଳେ ଦେଉଳ ଝରୀ କୁ ଆସୁଥିବା ଦର୍ଶନାର୍ଥୀ ମାନେ ଥଣ୍ଡା ପାନୀୟ ଜଳ ନପାଇ ଅସୁବିଧା ର ସମୁଖୀନ ହେଉଛନ୍ତି। ଏ ବାବଦ ରେ ପୂଜକ କମିଟି ସମ୍ପାଦକ ଭବାନୀ ଶଙ୍କର ବଡ଼ମାଳୀ, ପୂଜକ ହରିଶ୍ଚନ୍ଦ୍ର ବେହେରାମାଳି, ପ୍ରଦୀପ ବଡ଼ମାଳୀ, ମୃତ୍ୟୁଞ୍ଜୟ ବଡ଼ମାଳୀ ଙ୍କ ସମେତ ସମସ୍ତ ପୂଜକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ କୁ ମରାମତି କରି ଅତି ଶୀଘ୍ର ଥଣ୍ଡା ପାନୀୟ ଜଳ ଯୋଗାଇ ଦେବାକୁ ଦାବୀ କରିଛନ୍ତି।

# ମାନବିକତାର ଏକ ବଳିଷ୍ଠ ଉଦାହରଣ କଂଗ୍ରେସ ନେତା ଡା. ଶମ୍ଭୁ ପାଣିଗ୍ରାହୀ



**ଗୋପାଳପୁର,୧୪।୬ :** ବିଶ୍ୱନାଥପୁର ପଞ୍ଚାୟତ ଅନ୍ତର୍ଗତ ହରଡ଼ଙ୍ଗ ଗ୍ରାମର କେ. ହରିଚନ୍ଦ୍ର ରେଡି ନିର୍ମାଣ ଶ୍ରମିକ ଭାବେ ସୁଦୂର କେରଳ ରେ ବହୁ ଦିନ ଧରି କାର୍ଯ୍ୟରତ ଥିଲେ, ହଟାତ ଗତ ସାତ ତାରିଖ ଦିନ ସେ ରହୁଥିବା ଘର ର ଛାତ ଉପରୁ ଶୋଇଥିବା ଅବସ୍ଥା ରେ ତଳ କୁ ପଡିଯାଇଥିଲେ, ଫଳରେ ସେ ଗୁରୁତର ଆହତ ହୋଇ ଥିଲେ !ତାଙ୍କୁ ନେଇଥିବା ଠିକାଦାର ତାଙ୍କୁ ନିକଟସ୍ଥ ମେଡିକାଲ ରେ ଭର୍ତି କରି ଆଉ ଧରା ଛୁଆଁ ଦେଇ ନ ଥିଲେ !ଆହତ ହରିଚନ୍ଦ୍ର ଙ୍କ ଜଣେ ବନ୍ଧୁ ତାଙ୍କୁ ଟ୍ରେନ ଯୋଗେ ବ୍ରହ୍ମପୁର ଆଣିବା ବାଟରେ ଓ୍ୱାରଙ୍ଗଲ ନିକଟରେ ତାଙ୍କ ମୃତ୍ୟୁ ଘଟି ଥିଲା। ସେଠିକାର ଜି. ଆର. ପି. ଥାନା ଏକ ଆମ୍ବୁଲାନ୍ସ ଯୋଗାଡ଼ କରି ମର ଶରୀର କୁ ନିଜ ଗ୍ରାମ ହରଡ଼ଙ୍ଗ କୁ ପଠେଇ ଦେଇ ଥିଲେ !ଏଠାରେ ସୂଚନା ଯୋଗ୍ୟ ଯେ, ମୃତ୍ୟୁ କେ. ହରିଚନ୍ଦ୍ର ପରିବାର ର ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ ଏବଂ ତାଙ୍କ କାନ୍ଧ ରେ ବୃଦ୍ଧ ବାପା, ମା, ସ୍ତ୍ରୀଙ୍କ ସହ ପୁଅ, ଝିଅଙ୍କ ଦାୟିତ୍ୱ ଥିଲା। ବର୍ତମାନ ପରିସ୍ଥିତି ରେ ଅତି ଦୟନୀୟ ଅବସ୍ଥାରେ ଉକ୍ତ ପରିବାର ଅଛନ୍ତି !ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରକାଶିତ ହେବା ପରେ ମଧ ନା ପ୍ରଶାସନ ର କୌଣସି ଅଧିକାରୀ ଦେଖା ଅଛି ନା ନିଜ ନିର୍ବାଚନ ମଣ୍ଡଳୀ ର ମାନ୍ୟବର ବିଧାୟକ ଙ୍କ ଦେଖା ନାହିଁ। ଠିକ ଏହିପରି ଘଡ଼ିସନ୍ଧି ମୁହଁର୍ତରେ ପି. ସି. ସି. ସଭ୍ୟ ବରିଷ୍ଠ ଆଇନଜୀବୀ ଡା. ଶମ୍ଭୁ ପାଣିଗ୍ରାହୀ ଆଜି ହରଡ଼ଙ୍ଗ ଗ୍ରାମକୁ ଯାଇ ମୃତକ ଙ୍କ ପରିବାର ଙ୍କୁ ଭେଟି ଆଶ୍ୱାସନା ଦେବା ସହ ଦଶ ହଜାର ଟଙ୍କା ର ଆର୍ଥିକ ସହାୟତା ଦେବା ସହ ମୃତକ ଙ୍କ ନବମ ଶ୍ରେଣୀ ରେ ପଢୁଥିବା ପୁଅ ର ପଢା ଖର୍ଚ୍ଚ ବହନ କରିବେ ବୋଲି କହିଥିଲେ। ଡା. ଶମ୍ଭୁ ପାଣିଗ୍ରାହୀ ଙ୍କ ଏପରି ମହାନ କାର୍ଯ୍ୟ କୁ ସାରା ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ବାଳକ ଓ ବାଳିକା ରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନସିପ୍ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଲେ ବିଧାୟକ

**ବ୍ରହ୍ମପୁର,୧୪।୬ :** ୨୨ତମ ସବ୍-ଜୁନିୟର ବାଳକ ଓ ବାଳିକା ରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନଶିପ୍, ଯାହା ୧୧.୦୬.୨୦୨୬ ରୁ ୧୩.୦୬.୨୦୨୬ ପର୍ଯ୍ୟନ୍ତ କେନ୍ଦୁଝରରେ ଅନୁଷ୍ଠିତ ହୋଇଥିଲା, ସେଥିରେ ଗଞ୍ଜାମ ଜିଲ୍ଲା ବାଳକ ଦଳ ଚାମ୍ପିୟନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ଦଳର ଖେଳାଳିମାନେ ମାନ୍ୟବର ବ୍ରହ୍ମପୁର ବିଧାୟକ ଶ୍ରୀ କେ ଅନୀଲ କୁମାରଙ୍କୁ ଗାନ୍ଧୀନଗର ସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ବିଧାୟକ ମହୋଦୟ ଚାମ୍ପିୟନ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ସଫଳତା ଅର୍ଜନ କରିବାକୁ ଉତ୍ସାହିତ କରିଥିଲେ। ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ଦଳର ଏହି ସଫଳତା ସମଗ୍ର ଜିଲ୍ଲା ପାଇଁ ଗର୍ବ ଓ ପ୍ରେରଣାର ବିଷୟ।

# ପହିଲି ରଜ ଉତ୍ସବ ଅନୁଷ୍ଠିତ

**ବ୍ରହ୍ମପୁର,୧୪।୬ :** ନିର୍ବାଚନ ମଣ୍ଡଳୀ ରେ ମହିଳା ମୋର୍ଚ୍ଚା ତରଫରୁ ପହିଲି ରଜ ଉତ୍ସବ ଗାନ୍ଧୀ ନଗର ସ୍ଥିତ ଛାୟା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା ମୁଖ୍ୟ ଅତିଥି ମାନ୍ୟବର ବ୍ରହ୍ମପୁର ବିଧାୟକ ଶ୍ରୀ କେ ଅନିଲ କୁମାର, ସନ୍ନମାନୀତି ଅତିଥି ଜିଲ୍ଲା ସଭାପତି ସରୋଜ କୁମାର ସାବତ,ସନ୍ନମାନୀତି ଅତିଥି ଶିଶୁ ସୁରକ୍ଷା ଆୟୋଗ ର ଅଧକ୍ଷା ଶ୍ରୀମତୀ ବବିତା ପାତ୍ର ଙ୍କ ଭାରତୀୟ ଜନତା ପାର୍ଟି ର ମହିଳା ମୋର୍ଚ୍ଚା ର ସମସ୍ତ କାର୍ଯ୍ୟକର୍ତ୍ତା, ଛୋଟ ଛୋଟ ଶିଶୁ ଅଂଶ ଗ୍ରହଣ କରିଥିଲେ ହାତରେ ମେହେନ୍ଦି,ଗୋଡ଼ ରେ ଅଳତା ସହିତ ପାରମ୍ପରିକ ଓଡ଼ିଆ ପିଠା କାକରା,ପୋଡ଼ ପିଠା,ଚନ୍ଦ୍ରକାନ୍ତି,ବରା,ଆଳୁ ଦମ୍ ଦହିବରା ର ମଜା ନେଇଥିଲେ ଓ ସ୍ୱାଦିଷ୍ଟ ମିଠା ପାନ ପରସ୍ପର କୁ ଖୁଆଇ ଥିଲେ। ଆମ ପରମ୍ପରା ଓଡ଼ିଆ ଅସ୍ମିତା କୁ ବଜାଇ ରଖିଥିଲେ। ଉପସ୍ଥିତ ଥିଲେ ସବିତା ସୁଆର,ମନିତା ଦାସ,ନିବେଦିତା ପାଢ଼ୀ,ପ୍ରେମ ଶିଳା ନନ୍ଦ,ସ୍ମିତାଲି,ରତ୍ନାପ୍ରଭା ସରସ୍ୱତୀ ଦେବୀ,ପି ସୁମତି,ଭାରତୀ,ବର୍ଷା ବିଦୁସ୍ମିତା,ଙ୍କ ମହିଳା ମୋର୍ଚ୍ଚା ବହୁ କାର୍ଯ୍ୟକର୍ତ୍ତା।



# ବିଶ୍ୱ ରକ୍ତଦାନ ଦିବସ ଅବସରରେ ଟିପିଏସ୍ଓଡିଏଲ ତରଫରୁ ରକ୍ତଦାନ ଶିବିର

**ବ୍ରହ୍ମପୁର,୧୪।୬ :** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ସମୁଦାୟର କଲ୍ୟାଣ ଓ କର୍ମଚାରୀଙ୍କ ସ୍ୱେଚ୍ଛାକୃତ ସେବା କାର୍ଯ୍ୟ ପ୍ରତି ଥିବା ତା'ର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଛି। ଏହି କ୍ରମରେ ବିଶ୍ୱ ରକ୍ତଦାନ ଦିବସ ଅବସରରେ ଭଞ୍ଜନଗର ସର୍କଲ ଅଫିସ ନିକଟସ୍ଥ ଘୁମୁସର କ୍ଲବରେ ଟିପିଏସ୍ଓଡିଏଲ୍ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ପ୍ରତି ବର୍ଷ ଜୁନ ୧୪ ତାରିଖରେ ବିଶ୍ୱ ରକ୍ତଦାନ ଦିବସ ପାଳନ କରାଯାଏ। ଯାହାର ଉଦ୍ଦେଶ୍ୟ ହେଉଛି ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହନ କରିବା ଏବଂ ରକ୍ତଦାନର ଜୀବନ ରକ୍ଷାକାରୀ ଗୁରୁତ୍ୱ ସଂପର୍କରେ ଜନସଚେତନତା ସୃଷ୍ଟି କରିବା। ଆୟୋଜିତ ଶିବିରରେ ଟିପିଏସ୍ଓଡିଏଲର କର୍ମଚାରୀ, ବ୍ୟାବସାୟିକ ସହଯୋଗୀ ଏବଂ ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଏକ ମହତ ଉଦ୍ଦେଶ୍ୟର ସହ ଏକଜୁଟ ହୋଇଥିଲେ। ଟିପିଏସ୍ଓଡିଏଲ୍ ତରଫରୁ ଆୟୋଜିତ ଏହି ରକ୍ତଦାନ ଶିବିର ଏମକେସିଜି ମେଡ଼ିକାଲ କଲେଜ, ବ୍ରହ୍ମପୁରର ରକ୍ତ ସଞ୍ଚାରଣ, ଚିକିତ୍ସା ବିଭାଗ ସହଯୋଗରେ ହୋଇଛି। ଏଥିରେ ଚିକିତ୍ସା ବିଶେଷଜ୍ଞମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରିବା ଏବଂ ନିର୍ଦ୍ଧାରିତ ଚିକିତ୍ସା ମାନଦଣ୍ଡ ଅନୁଯାୟୀ ରକ୍ତଦାନ ପ୍ରକ୍ରିୟା ସୁରକ୍ଷିତ ଓ ଦକ୍ଷତାର ସହ ସମ୍ପାଦିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଟିପିଏସ୍ଓଡିଏଲର କର୍ମଚାରୀ, ବ୍ୟାବସାୟିକ ସହଯୋଗୀ ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଆୟୋଜିତ ଶିବିରରୁ ମୋଟ ୬୪ ୟୁନିଟ ରକ୍ତ ସଂଗ୍ରହୀତ ହୋଇଛି। ଯାହା ଏହି ଜୀବନ ରକ୍ଷାକାରୀ ମହତ କାର୍ଯ୍ୟ ପ୍ରତି ଅଂଶଗ୍ରହଣକାରୀମାନଙ୍କ ଥିବା ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଏ। ଏହି ଶିବିରରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ପ୍ରଦର୍ଶିତ ସ୍ୱେଚ୍ଛାକୃତ ରକ୍ତଦାନ ମନୋଭାବକୁ ପ୍ରଶଂସା କରିଥିଲେ। ଏଥିସହିତ ଜୀବନ ରକ୍ଷା ଓ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାରେ ନିୟମିତ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଓ ଯୁବପିଢ଼ିଙ୍କୁ ଏହି ମହତ କାର୍ଯ୍ୟରେ ଅଧିକ ମାତ୍ରାରେ ଯୋଗ ଦେବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍, କହିଛନ୍ତି, "ପ୍ରତିଟି ବୁନ୍ଦା ରକ୍ତ ଜୀବନ ପାଇଁ ଏକ ଆଶୀର୍ବାଦ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ କରୁଣା, ସ୍ୱେଚ୍ଛାକୃତ ସେବା ଏବଂ ଏକ ସାମୂହିକ ଦାୟିତ୍ୱବୋଧର ସଂସ୍କୃତି ଗଢ଼ି ତୋଳିବାକୁ ଚାହୁଁ। ଆମ କର୍ମଚାରୀ ଓ ଅଂଶୀଦାରମାନେ ଏପରି ଏକ ମହତ ଉଦ୍ଦେଶ୍ୟ ପାଇଁ ଏକଜୁଟ ହେଉଥିବାର ଦେଖି ଖୁବ୍ ଆନନ୍ଦ ଅନୁଭବ ହୁଏ, ଯାହା ପ୍ରତ୍ୟକ୍ଷ ଭାବରେ ଜୀବନ ରକ୍ଷା ଓ ସମୁଦାୟକୁ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ନେଇଥାଏ"। ଟିପିଏସ୍ଓଡିଏଲର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍ଆର) ଟିମ୍ ତରଫରୁ ଆୟୋଜିତ ଏହି ରକ୍ତଦାନ ଶିବିର କମ୍ପାନୀର କର୍ମଚାରୀଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ସେବା ଓ ସାମୁଦାୟିକ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବାର ଏକ ଅଂଶ ଅଟେ। ଏଭଳି ଅଭିଯାନ ମାଧ୍ୟମରେ ଟିପିଏସ୍ଓଡିଏଲ୍ ସକରାତ୍ମକ ସାମାଜିକ ପ୍ରଭାବ ସୃଷ୍ଟି କରିବା ଏବଂ ଏହା ସେବା ଯୋଗାଉଥିବା ସମୁଦାୟର କଲ୍ୟାଣ ପ୍ରତି ତାର ଯୋଗଦାନ ଦେଇ ଆସୁଛି। ଆୟୋଜିତ ରକ୍ତଦାନ ଶିବିରରେ ବିଶିଷ୍ଟ ଅତିଥି ଭାବରେ ଶ୍ରୀମତୀ ଅଭିପ୍ସା ପଟ୍ଟନାୟକ, ତହସିଲଦାର, ଭଞ୍ଜନଗର; ଶ୍ରୀମତୀ ଭାରତୀ ଦେବୀ, ବ୍ଲକ ଉନ୍ନୟନ ଅଧିକାରୀ, ଭଞ୍ଜନଗର ଏବଂ ଶ୍ରୀ ହିମାଂଶୁ ଶେଖର ମହାନ୍ତି, ବନଖଣ୍ଡ ଅଧିକାରୀ, ଉତ୍ତର ଘୁମୁସର ବନଖଣ୍ଡ ଉପସ୍ଥିତ ଥିଲେ। ସେହିଭଳି ଶ୍ରୀ ପ୍ରତାପ କେଶରୀ ସାହୁ, ମୁଖ୍ୟ ଯନ୍ତ୍ରୀ, ଟିପିଏସ୍ଓଡିଏଲ୍; ଶ୍ରୀ ଅଭିଜିତ ପାଢ଼ୀ, ଅଧୀକ୍ଷଣ ଯନ୍ତ୍ରୀ ଓ ସର୍କଲ ମୁଖ୍ୟ ଭଞ୍ଜନଗରଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ।




# ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ 'ରଜ ମହୋତ୍ସବ-୨୦୨୬' ପାଳିତ

**ଗୋପାଳପୁର/ବ୍ରହ୍ମପୁର, ୧୪।୬ :** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ରାଜ୍ୟର ଗଣପର୍ବ 'ରଜ ଉତ୍ସବ କୁ ମହା ଆଡ଼ମ୍ବରରେ ପାଳନ କରାଯାଉଛି। ଜୁନ ୧୪ 'ପହିଲି ରଜ'ରୁ ଜୁନ ୧୬ 'ଭୂମି ଦାହନ' ପର୍ଯ୍ୟନ୍ତ ତିନି ଦିନ ଧରି ଗୋପାଳପୁର ସମୁଦ୍ରକୂଳରେ ଅବସ୍ଥିତ ପାନ୍ଥନିବାସ ସମେତ ରାଜ୍ୟର ୧୬ଟି ପାନ୍ଥନିବାସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗୋପାଳପୁର ପାନ୍ଥନିବାସ ଠାରେ ପାରମ୍ପରିକ ରଜ ଦୋଳି, ଆମ୍ବ ପତ୍ର, ଫୁଲ ମାଳା,ତୋରଣ ଓ ଝୋଟି ଚିତାରେ ସୁସଜ୍ଜିତ କରାଯାଇଛି। ସମୁଦ୍ରକୂଳର ମନୋରମ ପରିବେଶ ମଧ୍ୟରେ ପର୍ଯ୍ୟଟକମାନେ ରଜ ଦୋଳି ଖେଳିବା ସହ ଲୁଡୋ, ପୁଚି ଭଳି, ଲଉଡ଼ି ପାରମ୍ପରିକ ଖେଳର ପିଲାମାନେ ଆନନ୍ଦ ଉପଭୋଗ କରୁଛନ୍ତି। ଏହି ରଜ ଉତ୍ସବକୁ ଅଧିକ ସମୃଦ୍ଧ ଓ ସମାଜସେବାର ମୂଲ୍ୟବୋଧ ସହ ଯୋଡ଼ିବା ଉଦ୍ଦେଶ୍ୟରେ ରୋଟାରାକ୍ଟ କ୍ଲବ୍ ଅଫ୍ ବ୍ରହ୍ମପୁର ର ସହାୟତାରେ କନିଷ୍ଠିସ୍ଥିତ ନବଜୀବନ ସେବା ଟ୍ରଷ୍ଟର ୬୦ ଜଣ ଅନାଥ କନ୍ୟାଙ୍କୁ ଏହି ଉତ୍ସବରେ ସାମିଲ କରାଯାଇଥିଲା। ସେମାନେ ରଜ ପର୍ବର ଆନନ୍ଦ ଉପଭୋଗ କରିବା ସହ ଓଡ଼ିଶାର ଏହି ଅନନ୍ୟ ପରମ୍ପରାକୁ ନିକଟରୁ ଅନୁଭବ କରିଥିଲେ। ଏହି ପଦକ୍ଷେପ ରଜ ପର୍ବର ଅନ୍ତର୍ନିହିତ ସମାବେଶୀ ମନୋଭାବ ଓ ସେବାଭାବକୁ ପ୍ରତିଫଳିତ କରିଥିଲା। ଏହି ଅବସରରେ ସମସ୍ତ ପାନ୍ଥନିବାସରେ ସ୍ୱତନ୍ତ୍ର 'ରଜ ଥାଳି'ର ବ୍ୟବସ୍ଥା କରାଯାଇଥିଲା। ଗୋପାଳପୁର ପାନ୍ଥନିବାସରେ ସ୍ଥାନୀୟ ସ୍ୱାଦର ପୋଡ଼ପିଠା, ମଣ୍ଡାପିଠା, କାକରା, ଆଡ଼ିସା ପିଠା, ରଜ ପାନ, ଚକୁଳି ସହ ବ୍ରହ୍ମପୁରର ପ୍ରସିଦ୍ଧ ପଣା ପର୍ଯ୍ୟଟକଙ୍କୁ ପରିବେଷଣ କରାଯାଉଛି। ସନ୍ଧ୍ୟା ସମୟରେ ଗୋପାଳପୁର ବେଳାଭୂମିରେ ରଜ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବକୁ ଅଧିକ ଆକର୍ଷଣୀୟ ହୋଇଥିଲା।

ଗୋପାଳପୁର ପାନ୍ଥନିବାସର ମ୍ୟାନେଜର ସୟଦ୍ ତାରିକ୍ ଅଲ୍ଲୀ କହିଛନ୍ତି ଏହି ଉତ୍ସବ "ସମୁଦ୍ରକୂଳରେ ରଜ ପର୍ବ ପାଳନର ଅନୁଭୂତି ସ୍ୱତନ୍ତ୍ର। ଦେଶ-ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଓଡ଼ିଶାର ଏହି ନିଆରା ପରମ୍ପରାକୁ ନିକଟରୁ ଦେଖି ବେଶ ଖୁସି ହେଉଛନ୍ତି। ଚଳିତ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି।" ଏନ୍ଏସି ଅଧ୍ୟକ୍ଷ ଜାନକୀ ରାମ କହିଛନ୍ତି ଯେ "ରଜ ହେଉଛି ଓଡ଼ିଆ ଅସ୍ମିତା ଓ ନାରୀଶକ୍ତିର ପ୍ରତୀକ। ଗୋପାଳପୁର,ରମ୍ଭା,ପୁରୀ, କୋଣାର୍କ ଓ ଚିଲିକା ଭଳି ପର୍ଯ୍ୟଟନସ୍ଥଳୀରେ ଥିବା ପାନ୍ଥନିବାସ ମାଧ୍ୟମରେ ଏହି ସମୃଦ୍ଧ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ହେଉଛି ଆମର ଲକ୍ଷ୍ୟ।" ରୋଟାରାକ୍ଟ କ୍ଲବ୍ ଅଫ୍ ବ୍ରହ୍ମପୁର ପକ୍ଷରୁ ୨୦୨୫-୨୬ ବର୍ଷର ସଭାପତି ଆକାଶ ଜାମ୍ପୁଲା, ୨୦୨୬-୨୭ ବର୍ଷର ସଭାପତି ବାଲାଜୀ ପୋଲାକି, ୨୦୨୬-୨୭ ବର୍ଷର ସମ୍ପାଦକ ଏ. ଆଶିଷ ପାତ୍ରୋଙ୍କ ସମେତ ଅନ୍ୟ ୧୦ ଜଣ ରୋଟାରାକ୍ଟ ସଦସ୍ୟ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ସମଗ୍ର ଆୟୋଜନକୁ ସୁଚାରୁ ଭାବେ ପରିଚାଳନା କରିବା ସହ ଅନାଥ କନ୍ୟା ଓ ଅତିଥିମାନଙ୍କୁ ସହଯୋଗ କରିଥିଲେ।



# ଡ. ଜଗନ୍ନାଥ ପ୍ରସାଦ ଦାସ ଓ ଡ. ପଲଉ ପ୍ରଧାନ କଳାହାଣ୍ଡିଆଙ୍କ ସ୍ମୃତିରେ 'ଦି ଇନିସିଏଟିଭ' ପକ୍ଷରୁ ଶୋକସଭା

**ଭବାନୀପାଟଣା,୧୪।୬ :** ଦୁର୍ଦ୍ଦିନ ମଧ୍ୟରେ ଥିବା ୧୯୬୫-୬୬ ମସିହାର କଳାହାଣ୍ଡିରେ ଜଣେ ଯୁବ ପ୍ରଶାସକ ଭାବେ ଯୋଗଦେଇ ବିକାଶର ବୀଜ ବପନ କରିବା, ଏ ଜିଲ୍ଲାବାସୀଙ୍କୁ ଲଢ଼ିବାର ବାଗ ଶିଖେଇବା ସହିତ ନିଜ ଲେଖନୀ ମୂନରେ ଆଜୀବନ କଳାହାଣ୍ଡିର ସ୍ମୃତିକୁ ସାଇତି ରଖିଥିଲେ ବିଶିଷ୍ଟ ଲେଖକ, କବି ତଥା କଳାହାଣ୍ଡିର ତତ୍କାଳୀନ ଜିଲ୍ଲାପାଳ ଡ. ଜଗନାଥ ପ୍ରସାଦ ଦାସ। ଜଣେ ପ୍ରଶାସକ ଭାବେ ନିଜର ଚାରିବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ଜିଲ୍ଲାର ଉନ୍ନତି ପାଇଁ ଅନେକ ପ୍ରଚେଷ୍ଟା କରିଥିଲେ।ସେହିପରି ଜିଲ୍ଲାର ଘରେ ଘରେ ସୁପରିଚିତ ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡା. ପଲଉ ପ୍ରଧାନ ନିଜ ଜୀବନକାଳର ଅର୍ଦ୍ଧାଧିକ ସମୟ ଏ ଜିଲ୍ଲାର ପୀଡ଼ିତ ଶିଶୁମାନଙ୍କୁ ନିରୋଗ ଜୀବନ ଜୀଇଁବାର ରାହା ଦେଖାଇଥିଲେ। ଗରିବ ଓ ଅସହାୟ ପିତାମାତା ଓ ସେମାନଙ୍କ ଶିଶୁମାନଙ୍କ ପାଇଁ ସେ ଦେବଦୂତ ଭାବେ ଆବିର୍ଭାବ ହୋଇଥିଲେ। କଳାହାଣ୍ଡି ମାଟି ପାଇଁ ସେମାନଙ୍କ ତ୍ୟାଗ ଓ ଅବଦାନ ଯୋଗୁଁ ଉଭୟ ବ୍ୟକ୍ତିତ୍ୱ ଜିଲ୍ଲାବାସୀଙ୍କ ସ୍ମୃତିରେ ଚିରଦିନ ଅମର ହୋଇ ରହିବେ ବୋଲି ଆଜି ଅଗ୍ରଣୀ ସଂଗଠନ 'ଦି ଇନିସିଏଟିଭ' ଆୟୋଜିତ ଶୋକସଭାରେ ଅତିଥିମାନେ ସ୍ମୃତିଚାରଣ କରିବା ସହିତ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ହୋଟେଲ ଭାଗିରଥୀ ଇନ ସମ୍ମିଳନୀ କକ୍ଷରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିଲା। 'ଦି ଇନିସିଏଟିଭ'ର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ବାର ଏସୋସିଏସନର ସଭାପତି ସନ୍ତୋଷ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, କବି ଲେଖକ ଓ ଗବେଷକ ତଥା ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପରମେଶ୍ୱର ମୁଣ୍ଡ, ଶିକ୍ଷାବିତ ଝସକେତନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କବି ଓ ଲେଖକ ବିରଞ୍ଚି ନାରାୟଣ ମୁଣ୍ଡ ସଭା ପରିଚାଳନା କରିଥିବାବେଳେ ଦି ଇନିସିଏଟିଭର ସାଧାରଣ ସଂପାଦକ ପ୍ରଦୀପ କୁମାର ଦାସ ଶେଷ ସ୍ୱର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଗାଳ୍ପିକ ସୁକାନ୍ତ ସାହୁ, ସ୍ୱାଗତ ଆଇଟିସିର ଅଧ୍ୟକ୍ଷା ପ୍ରୀତି ପଟ୍ଟନାୟକ, ଶିକ୍ଷାବିତ ବେଦବ୍ୟାସ ପ୍ରଧାନ, ଦି ଇନିସିଏଟିଭର ସାଧାରଣ ସଂପାଦକ ସୁଶୀଲ କୁମାର ବାଗ, ସମାଜ ସଂଗଠକ କୃଷ୍ଣଚନ୍ଦ୍ର ପ୍ରଧାନ, ସରୋଜ ବୁଢ଼ିଆ, ସଞ୍ଜୀବ ପାଢ଼ୀ, ବିଦ୍ୟାଧର ସାହୁ, ପ୍ରବୀଣ କୁମାର ପଣ୍ଡା, ହେମନ୍ତ ସାହୁ, ଅନୀତା ବିଶ୍ୱାଳ, ଟି. ସୁଜାତା ଆଚାରୀ, ଦେବସ୍ମିତା ପୂଜାରୀ, ଡଙ୍ଗରଗଡ଼ ସୁରକ୍ଷା ପରିଷଦରୁ ମହେନ୍ଦ୍ର ବାଗ, କୀର୍ତ୍ତନ ମାଝୀ, ଜଗନ୍ନାଥ ଶବର, କମଳ ମାଝୀ, ମଗଶିର ମାଝୀ ପ୍ରମୁଖ ଉଭୟ ବ୍ୟକ୍ତିତ୍ୱଙ୍କ ସ୍ମୃତିଚାରଣ କରିଥିଲେ।

